୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍यवेक्षक

Vol.27. No.65 Bhubaneswar Friday April 18 2025 | ୨୭ତମ ବର୍ଷ ସଂଖ୍ୟା–୬୫ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୧୮, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹ 1.50 | (Air Surcharge - 0.50P) | Member-INS

## ବନ୍ଧାହେଲେ କୁବେର ଯନ୍ତ୍ରୀ



ଭୁବନେଶ୍ୱର,୧୭।୪(ପି.ଏନ): ବନ୍ଧାହେଲେ କୁବେର ଯନ୍ତ୍ରୀ । ଆୟବହିର୍ଭୂତ ସମ୍ପତି ଠୁଳ ମାମଲାରେ ଅନୁଗୁଳ ଆଠମଲିକ ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥିଙ୍କୁ ଗିରଫ କରିଛି ଭିଜିଲାନ୍ସ । ୧୯୮୯ ମସିହାରୁ ମାଲକାନଗିରିରେ କନିଷ୍ଠ ଯନ୍ତ୍ରୀଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ ରାମଚନ୍ଦ୍ର । ଆୟର ୨୨୬ ପ୍ରତିଶତ ଅଧିକ ସମ୍ପତି ଥିବା ନେଇ ଭିଜିଲାନ୍ସ ସ୍ପଷ୍ଟ କରିଛି । ଟିମ ପକ୍ଷରୁ ଚଢ଼ାଉ ସମୟରେ ଗୋଟିଏ ଦୁଇ ମହଲା କୋଠା, ୨୨ ପ୍ଲଟ, ୩୫୦ ଗ୍ରାମ ସୁନା, କ୍ୱାଇଁଙ୍କ ଘରୁ ନଗଦ ୨୩ ଲକ୍ଷ ୯୫ ହଜାର ଟଙ୍କା ଓ ଏକକୋଟି ୪୦ ଲକ୍ଷ ବ୍ୟାଙ୍କ ଡିପୋଜିଟ ଜବତ କରିଛି ଭିଜିଲାନ୍ସ । ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ଅନୁମତି କ୍ରମେ ଅନୁଗୁଳ, କଟକ ଓ ଢେଙ୍କାନାଳରେ ଥିବା ୮ଟି ଠିକଣାରେ ଚଢ଼ାଉ କରିଥିଲା ଭିଜିଲାନ୍ସ ଟିମ । ଏହି ଟିମରେ ୭ ଡିଏସପି ୧୫ ଇନିସପେକ୍ଟର ସାମିଲ ଥିଲେ । ଯାଞ୍ଚ ସମୟରେ ରାମଚନ୍ଦ୍ର ଶତପଥିଙ୍କ କ୍ୱାଇଁ ଡା ତପନ କୁମାର ତ୍ରିପାଠୀଙ୍କ ଘରୁ ନଗଦ ୨୨ ଲକ୍ଷ ଟଙ୍କା ଜବତ କରିଛି ଭିଜିଲାନ୍ସ । ଜୁନାଗଡ଼ରେ ମେଡିକାଲ ଅଫିସର ଭାବରେ କାର୍ଯ୍ୟରତ ରହିଛନ୍ତି କ୍ୱାଇଁ । ବର୍ତ୍ତମାନ ଏହି ମାମଲାରେ ତଦନ୍ତ ଜାରି ରହିଥିବା ହେତୁ କ୍ୱାଇଁଙ୍କୁ ମଧ୍ୟ ଅଧିକ ପଚରାଉଚରା କରାଯିବ। ଏଆବଶ୍ୟକ ପଡ଼ିଲେ ରାମଚନ୍ଦ୍ର ଶତପଥିଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ଭିଜିଲାନ୍ସ ଏସପି ସୁଧାଂଶୁ ଶେଖର ମିଶ୍ର କହିଛନ୍ତି ।

## ସରକାରଙ୍କ ପ୍ରତିଶୃତି ପାଲଟିଲା ପାଣିର ଗାର : ନିୟନ୍ତ୍ରଣକୁ ଆସିଲାନି ଦରଦାମ

ଭୁବନେଶ୍ୱର,୧୭।୪(ପି.ଏନ):ଯେତେ କହିଲେ ହେଲା ନାହିଁ । ରାଜ୍ୟ ବିଜେପି ସରକାରକୁ ବର୍ଷେ ପୂରିବାକୁ ଯାଉଛି । ଏଯାଏଁ ନା ଦରଦାମ ନିୟନ୍ତ୍ରଣ ହେଲା ନା ଉତ୍ପାଦନ ବଢ଼ିଲା । ଆଗକୁ ଦରଦାମ ସ୍ଥିତି ଆହୁରି ଅଣାୟତ୍ତ ହେବାକୁ ଯିବା ପୂର୍ବରୁ ରାଜ୍ୟ ବ୍ୟବସାୟୀ ମହାସଂଘ ଓଡ଼ିଶାରେ ଏକ ଜାତୀୟସ୍ତରୀୟ ସମ୍ମିଳନୀ ଆୟୋଜନ କରିବାକୁ ଯାଉଛି । ଆସନ୍ତା ୨୫ ଓ ୨୬ ତାରିଖରେ ହେବାକୁ ଥିବା ସମ୍ମିଳନୀରେ ସାରା ଦେଶର ବିଭିନ୍ନ ରାଜ୍ୟର ବ୍ୟବସାୟୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ରାଜ୍ୟର ଖାଉଟିଙ୍କ ସମେତ ବିଭିନ୍ନ ବର୍ଗର ସମସ୍ୟା ଓ ସମାଧାନ ନେଇ ନିଷ୍ପତ୍ତି ହେବ।

ନିୟନ୍ତ୍ରଣକୁ ଆସିଲାନାହିଁ ଦରଦାମ୍ । ବଢ଼ାଯାଇପାରିଲାନାହିଁ ଚାଷୀଙ୍କ ଉତ୍ପାଦନ । ସରକାରଙ୍କ ପ୍ରତିଶୃତି ପାଲଟିଲା ପାଣିର ଗାର । ଆଗକୁ ସ୍ଥିତି ଆହୁରି ବିଗିଡ଼ିବା ପୂର୍ବରୁ ରାଜ୍ୟ ବ୍ୟବସାୟୀ ମହାସଂଘ ବଡ଼ ପଦକ୍ଷେପ ହାତକୁ ନେଇଛି । ବାରମ୍ବାର ଦାବି ଓ ପ୍ରସ୍ତାବ ଦିଆଯିବା ସତ୍ତ୍ୱେ ମଧ୍ୟ ସରକାର କିଛି କରିପାରିଲେନାହିଁ । ଆସନ୍ତା ୨୫ ଓ ୨୬ ତାରିଖ ଦୁଇଦିନ ଧରି ଓଡ଼ିଶାରେ ଜାତୀୟ ସ୍ତରୀୟ ସମ୍ମିଳନୀ କରିବାକୁ ନିଷ୍ପତ୍ତି ନେଇଛି ମହାସଂଘ ।

ଏହି ସମ୍ମିଳନୀରେ ଦେଶର ବିଭିନ୍ନ ରାଜ୍ୟରୁ ବ୍ୟବସାୟିକ ପ୍ରତିନିଧିମାନେ ଯୋଗଦେବେ । ସମ୍ମିଳନୀରେ ଖାଉଟିଙ୍କ ସମସ୍ୟା, ଉତ୍ପାଦନ ସମସ୍ୟା ଓ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ସଠିକ ମୂଲ୍ୟ ପ୍ରଦାନ ନେଇ ଆଲୋଚନା ହେବ ଓ ନିଷ୍ପତ୍ତି ମଧ୍ୟ ନିଆଯିବ। ଏହି ସମ୍ମିଳନୀରେ ବହୁ ସାଂସଦ ଯୋଗଦେବା ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିଜେ ଉପସ୍ଥିତ ରହିବାକୁ ବ୍ୟବସାୟୀ ମହାସଂଘ ନିମନ୍ତ୍ରଣ କରିଛି । ସରକାର ରାଜ୍ୟର ବୃହତ୍ତର ସ୍ୱାର୍ଥ ରକ୍ଷା ପାଇଁ ନିଜେ ଏହି ସମ୍ମିଳନୀରେ ସାମିଲ ହେବାକୁ ଦିଆଯାଇଛି ଆହ୍ୱାନ ।ସରକାର ନିଜେ କିଛି କରୁନାହାନ୍ତି ବରଂ ବ୍ୟବସାୟୀଙ୍କ ଉପରେ ବାରମ୍ବାର ଚାପ ସୃଷ୍ଟି କରାଯାଉଥିବା ଅଭିଯୋଗ ଆଣିଛି ମହାସଂଘ । ଓଡ଼ିଶାରେ ବ୍ୟବସାୟର ସୁଯୋଗ ଥିଲେ ମଧ୍ୟ ବ୍ୟବସାୟୀ ନିରୁତ୍ସାହିତ। ସରକାର ଗୋଟିଏ ଦେଶ ଗୋଟିଏ ନିୟମ କହୁଥିଲେ ମଧ୍ୟ ବ୍ୟବସାୟୀଙ୍କ ଉପରେ ୩୦ ଦିନରେ ୩୦ ପ୍ରକାର ଲାଇସେନ୍ସ ଲଗାଉଥିବା ଅଭିଯୋଗ ହୋଇଛି । ବହୁ ଗୁପ୍ତ ଚାର୍ଜ ମଧ୍ୟ ଲଗାଯାଉଛି ।ତେଣୁ ଦେଶର ବ୍ୟବସାୟୀ ମାନେ ଓଡ଼ିଶାରେ ଏକାଠି ହୋଇ ରାଜ୍ୟର ସମସ୍ୟା ସମାଧାନ ନେଇ ଆଲୋଚନା କରିବେ। ଏପରିକି ଚାଷୀଙ୍କ ସାମଗ୍ରୀ କିଣିବା ପାଇଁ ମିଳିତ କର୍ମଶାଳା କରାଯିବ । ସେପଟେ ବ୍ୟବସାୟୀଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ ସରକାରଙ୍କୁ କଡ଼ା ସମାଲୋଚନା କରିଛି ଓଡ଼ିଶା ସିଟିଜେନ୍ସ ଫୋରମ । କେବଳ କଥା କହି ଭଣ୍ଡଉଥିବା ରାଜ୍ୟ ସରକାରଙ୍କୁ ଆଗାମୀ ନିର୍ବାଚନରେ ଲୋକେ ଜବାବ ଦେବେ ବୋଲି ଫୋରମ ଚେତାବନୀ ଦେଇଛି ।

ରାଜ୍ୟ ବିଜେପି ସରକାରକୁ ବର୍ଷେ ପୂରିବାକୁ ଯାଉଥିଲେ ମଧ୍ୟ ଏ ଯାଏ କିଛି କରାଯାଇ ନାହିଁ । ତେଣୁ ଏହି ଜାତୀୟ ସ୍ତରୀୟ ବୈଠକରେ ଚିଠା ପ୍ରସ୍ତୁତ ହେବ ଓ କେନ୍ଦ୍ର ରାଜ୍ୟ ସରକାରଙ୍କୁ ଦିଆଯିବ ବୋଲି କୁହାଯାଇଛି।

## ପାରାଦୀପ ବନ୍ଦରରେ ଗିରଫ ଜାହାଜକୁ ଛାଡ଼ିଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୭।୪(ପି.ଏନ): ପାରାଦୀପ ବନ୍ଦରରେ ଗିରଫ ହୋଇଥିବା ଜାହାଜକୁ ଛାଡ଼ିଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ଉଭୟ ପକ୍ଷଙ୍କ ମଧ୍ୟରେ ବକେୟା ଅର୍ଥକୁ ନେଇ ହୋଇଥିବା ବିବାଦର ଆପୋଷ ସମାଧାନ ହୋଇଥିବାରୁ ସମ୍ପୃକ୍ତ ଜାହାଜକୁ ରିଲିଜ କରିଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପାନାମାରେ ପଞ୍ଜିକୃତ ଜାହାଜ ଏମଭି ଟେଲେରୀ ଏମକୁ ଗତ ଶନିବାର ହାଇକୋର୍ଟ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବଙ୍କର ଫୁଏଲ ବାବଦରେ ବକେୟା ଅର୍ଥ ପୈଠ ନକରିଥିବା ଅଭିଯୋଗରେ ଜିଓସର୍ଭ ଏନର୍ଜି ଟ୍ରାନ୍ସପୋର୍ଟ ନାମକ ସଂସ୍ଥାର ଆବେଦନ ଶୁଣାଣି କରି ହାଇକୋର୍ଟ ଜାହାଜକୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## କେବେ ସରିବ ମେଗା ପାନୀୟ ଜଳ ପ୍ରକଳ୍ପ କାମ ?

ଭୁବନେଶ୍ୱର,୧୭।୪(ପି.ଏନ): ମନ୍ଥର ଗତିରେ ଚାଲିଛି ମେଗା ପାନୀୟ ଜଳ ପ୍ରକଳ୍ପ କାମ । ଅବଧି ସରିବାର ୭ ମାସ ବିତିଥିଲେ ବି ସରିନି କାମ । କେଉଁଠି ପାଚେରୀ କାମ ଅଧାରେ ଅଟକିଛି ତ କେଉଁଠି ପମ୍ପ ଗୃହ କାମ ଅଧପନ୍ତରିଆ ହୋଇ ପଡିରହିଛି । ବାଧ୍ୟ ହୋଇ ନଦୀ, ନାଳ ଓ ଚୁଆ ପାଣି ଉପରେ ଭରସା କରୁଛନ୍ତି କଳାହାଣ୍ଡି ଜିଲ୍ଲା ଲୋକେ ।ଭାବିଥିଲେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହେଲେ ହେବନି ପାଣି ସମସ୍ୟା । ପାଇପାରିବେ ବିଶୁଦ୍ଧ ପାଣି । ହେଲେ ସମସ୍ୟା ସରିବାରେ ନାଁ ଧରୁନି । କଳାହାଣ୍ଡି ଜିଲ୍ଲାରେ ବିଶୁଦ୍ଧ ପାନୀୟ ଜଳ ପାଇଁ ତହଲବିକଳ ହେଉଛନ୍ତି ଲୋକେ । ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ କଳାହାଣ୍ଡି ଜିଲ୍ଲାର ଜୟପାଟଣା, ଥୁଆମୂଳ ରାମପୁର ଓ କଳମପୁର ବ୍ଲକରେ ନିର୍ମାଣ ହେଉଛି ମେଗା ପ୍ରକଳ୍ପ ।

## ଢେଙ୍କାନାଳ ନିହଲ ପ୍ରସାଦ ଖଣି ଅଞ୍ଚଳରେ ମାଫିଆଙ୍କ ଗୁଣ୍ଡାରାଜ



ଭୁବନେଶ୍ୱର,୧୭।୪(ପି.ଏନ): ଢେଙ୍କାନାଳ ନିହଲ ପ୍ରସାଦ ଖଣି ଅଞ୍ଚଳରେ ମାଫିଆଙ୍କ ଗୁଣ୍ଡାରାଜ । ଚଢାଉ ପାଇଁ ଯାଇଥିବାବେଳେ ଉପଜିଲ୍ଲାପାଳ, ମାଇନିଂ ଅଫିସର ଓ ଥାନା ଅଧିକାରୀଙ୍କୁ ପଥରମାଡ଼ । ଜବତ ଗାଡ଼ିକୁ ଛଡାଇନେଲେ ପଥର ମାଫିଆ । ଆଜି ଚୋରା ପଥର ଚାଲାଣ ହେଉଥିବା ଖବର ପାଇଁ ଅଞ୍ଚଳକୁ ଯାଇଥିଲେ ଉପଜିଲାପାଳ ବିଭୁଦ ଗଡନାୟକ ଓ ମାଇନିଙ୍ଗ ଅଫିସର । ସଙ୍ଗରେ ଥିଲେ ନିହଲ ପ୍ରସାଦ ଥାନା ଅଧିକାରୀ ।ଚୋରା ଖଣି ରୁ ଗାଡ଼ି ଜବତ କରି ଆସୁଥିବା ବେଳେ ଆକ୍ରମଣ କରିଥିଲେ ମାଫିଆ । ପଥର ମାଡ କରିବା ସହ ଜବତ ଗାଡ଼ି ଖଣି ମାଫିଆ ଛଡେଇ ନେଇ ଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ।

## ଭୁବନେଶ୍ୱରଠାରୁ ପୁରୀ ୮ ଲେନ୍‌ର ରୋଡ: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଡ ଦାବି



ଭୁବନେଶ୍ୱର,୧୭।୪(ପି.ଏନ): ରାଜଧାନୀ ଭୁବନେଶ୍ୱର ଠାରୁ ପୁରୀକୁ ୮ ଲେନର ରାସ୍ତା ପାଇଁ ଦାବି କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୪ ଲେନରୁ ୮ ଲେନ ରାସ୍ତା ପାଇଁ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

କେନ୍ଦ୍ରମନ୍ତ୍ରୀ ଗଡକରୀଙ୍କ ନିକଟରେ ଦାବି ରଖିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ଏଥିରେ ଦାବି କରିଛନ୍ତି ଯେ, ଏହି ୮ ଲେନ ରୋଡରେ ସର୍ଭିସ ରୋଡ ରଖାଯାଉ। କୋଷ୍ଟାଲ ହାଇୱେ ୨ ଲେନରୁ ୪ ଲେନ କରିବାକୁ ବି ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ।ଓଡ଼ିଶାକୁ ୪ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଭେଟିଦେଲେ କେନ୍ଦ୍ର ପରିବହନ ଏବଂ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡ଼କରୀ । ୧୯ଟି ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କଲେ ନୀତିନ ଗଡ଼କରୀ ।୧୫୪ କିମି ଦୀର୍ଘ ୧୯ଟି ସଡ଼କ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି ।



ପବିତ୍ର ଗୁଡ୍ ଫ୍ରାଇଡ଼େ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ, ଯେ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମ୍‌ପାଟି)

DADLS-15
15001/13/0548/2526



ଗୁଡ୍ ଫ୍ରାଇଡ଼େ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଶୁକ୍ରବାର ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ମାନବ ସମାଜର କଲ୍ୟାଣ ପାଇଁ, ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗ ବିଶ୍ୱରେ ଶାନ୍ତି ଓ ଭାତୃତ୍ୱର ମହାନ ଚିନ୍ତାଧାରାକୁ ବ୍ୟାପକ କରିଛି । ଆସନ୍ତୁ, ଏହି ପବିତ୍ର ଦିବସର ବାର୍ତ୍ତାକୁ ପାଳନ କରି ଏକ ଆଦର୍ଶ ସମାଜ ଗଠନ ଦିଗରେ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା






# ନିର୍ମାତାଙ୍କ ଉପରେ ଗମ୍ଭୀର ଆରୋପ ଆଣିଲେ କ୍ରିଷ୍ଟା



**କ୍ରିଷ୍ଟା** ମୁଖାର୍ଜୀ ଜଣେ ପ୍ରସିଦ୍ଧ ଟିଭି ଅଭିନେତ୍ରୀ। ସେ ଲୋକପ୍ରିୟ ଧାରାବାହିକ 'ୟେ ହେ ମୋହବତେଁ'ରେ ଅଭିନୟ କରି ଲୋକପ୍ରିୟ ହୋଇଥିଲେ। ମନୋରଞ୍ଜନ ଇଣ୍ଡଷ୍ଟ୍ରିରେ ଏକ ଦଶନ୍ଧିରୁ ଅଧିକ ସମୟ ଧରି କାମ କରି ଆସୁଥିବା କ୍ରିଷ୍ଟା ତାଙ୍କ କ୍ୟାରିଅରରେ 'ନାଗିନ୍-୩','କୁଛ ତୋ ହେ: ନାଗିନ୍ ଏକ୍ ନଏ ରଙ୍ଗ ମେଁ',' ଶୁଭ ଶଗୁନ୍' ଏବଂ ଅନ୍ୟାନ୍ୟ ପ୍ରସିଦ୍ଧ ସିରିଏଲରେ ଅଭିନୟ କରିଛନ୍ତି। ଏବେ କ୍ରିଷ୍ଟା ତାଙ୍କ ଇନଷ୍ଟାଗ୍ରାମ ଆକାଉଂଟରେ 'ଶୁଭ ଶଗୁନ୍'ର ସେଟରେ ଘଟିଥିବା ଘଟଣାର ଯନ୍ତ୍ରଣାଦାୟକ ଅନୁଭୂତି ସେୟାର କରିଛନ୍ତି। କିଭଳି 'ଶୁଭ ଶଗୁନ୍'ର ନିର୍ମାତା ସୁଟିଂ ସମୟରେ ତାଙ୍କୁ ନିର୍ଯାତନ ଦେଇଥିଲେ ତାହା ସେ ଏକ ପୋଷ୍ଟ ମାଧ୍ୟମରେ ଲେଖି ଜଣାଇଛନ୍ତି। ନିଜ ଇନଷ୍ଟାଗ୍ରାମ ଆକାଉଂଟରେ ଏକ ପୋଷ୍ଟ ସେୟାର କରି ସେ ଲେଖିଛନ୍ତି ଯେ, ଗତ ଦେଢ଼ ବର୍ଷ ଧରି ମୁଁ ଅନେକ ସମସ୍ୟାର ସାମ୍ନା କରୁଛି। ପୂର୍ବରୁ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ମୋ ପାଖରେ ସାହସ ନଥିଲା। କିନ୍ତୁ ବର୍ତମାନ ମୁଁ ଏହାକୁ ଆଉ ନିଜ ଭିତରେ ଚାପି ରଖିପାରିବି ନାହିଁ। 'ଶୁଭ ଶଗୁନ୍'ର ନିର୍ମାତା କୁନ୍ଦନ ସିଂଙ୍କୁ ତାଙ୍କ ପୋଷ୍ଟରେ ଟ୍ୟାଗ କରି ଅଭିନେତ୍ରୀ ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ପ୍ରଡକ୍ସନ୍ ହାଉସ୍ ଏବଂ ନିର୍ମାତା ବାରମ୍ବାର ହଇରାଣ କରୁଥିଲେ। ୫ମାସର ପାରିଶ୍ରମିକ ନଦେବା ସହ ମେକଅପ୍ ରୁମରେ ବନ୍ଦ କରି ଦେଉଥିଲେ। ଦିନେ ପୋଷାକ ପିନ୍ଧୁଥିବା ବେଳେ ନିର୍ମାତା ଆସି ବହୁତ ଜୋରରେ କବାଟ ବାଡ଼ାଇଥିଲେ, ଲାଗିଲା ଯେମିତି କବାଟ ଭାଙ୍ଗିଯିବ। ଏତେ ସବୁ ପରେ ଯେତେବେଳେ କ୍ରିଷ୍ଟା ସୋ' ଛାଡ଼ିଲେ ତାଙ୍କୁ ନିର୍ମାତା ଧମକ ଦେବା ଆରମ୍ଭ କରିଥିଲେ, ଯେଉଁ କାରଣରୁ ସେ ଅନ୍ୟ ପ୍ରୋଜେକ୍ଟରେ କାମ କରିବାକୁ ଡରୁଥିଲେ। ହେଲେ ଏବେ ସେ ମୁହଁ ଖୋଲିବା ସହ ମୋତେ ନ୍ୟାୟ ଦରକାର ବୋଲି କହିଛନ୍ତି।

# ଅଲଗା ହେଲେ ଶ୍ରୁତି-ସାନ୍ତନୁ !

**ଦ**କ୍ଷିଣ ଓ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି ଶ୍ରୁତି ହସନ। ସେ ଅଭିନୟ କରିବା ସହ ଗୀତ ମଧ୍ୟ ଗାଇବାକୁ ପସନ୍ଦ କରନ୍ତି। ଅନେକ ସମୟରେ ତାଙ୍କ ପେସାଦାର ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚା ହୁଏ। ଅନେକ ସମୟରେ ସେ ନିଜ ପ୍ରେମିକ ସାନ୍ତନୁ ହଜାରିକାଙ୍କ ସହ ଫଟୋ ସେୟାର କରୁଥିବା ଦେଖିବାକୁ ମିଳେ। ତେବେ କିଛି ମାସ ହେଲାଣି ସେ ସାନ୍ତନୁଙ୍କ ସହ ପ୍ରେମ ସମ୍ପର୍କରେ ଥିବା ବେଳେ ଦୁହେଁ ଖୁବଶୀଘ୍ର ବିବାହ କରିବେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଏବେ ଦୁହିଁଙ୍କ ବ୍ରେକଅପ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଦୁହେଁ ଇନଷ୍ଟାଗ୍ରାମରେ ପରସ୍ପରକୁ ଅନଫଲୋ କରିବା ସହ ଫଟୋ ହଟାଇ ଦେଇଛନ୍ତି। ଏହାକୁ ଦେଖିବା ପରେ ଦୁହେଁ ପରସ୍ପରଠାରୁ ଅଲଗା ହୋଇଥିବା କୁହାଯାଉଛି। ଗତବର୍ଷ ଜାତୀୟ ଗଣମାଧ୍ୟମ ହିନ୍ଦୁସ୍ତାନ ଟାଇମ୍ସ ସହ କଥା ହୋଇ ଶ୍ରୁତି ହସନ କହିଥିଲେ ଯେ, "ବିବାହ ଶବ୍ଦ ମୋତେ ବହୁତ ଭୟଭୀତ କରେ। ଏଥିରେ ବହୁତ କିଛି ଅଛି ଯେଉଁ କାରଣରୁ ମୁଁ ଏହା ବିଷୟରେ ଚିନ୍ତା କରିବାକୁ ଚାହେଁ ନାହିଁ। ମୁଁ ତାଙ୍କ ସହ ରହି ଖୁସି। ତାଙ୍କ ସହଯୋଗରେ ଭଲ କାମ କରୁଛି ଏବଂ ଆମେ ଏକତ୍ର ବହୁତ ଭଲ ସମୟ କାଟୁଛୁ। ଅଧିକାଂଶ ବିବାହ ଅପେକ୍ଷା ଏହା ଭଲ ନୁହେଁ କି ? ଆମେ ପରସ୍ପର ପାଇଁ ଅଛୁ ଏବଂ କଠିନ ସମୟରେ ପରସ୍ପରକୁ ସମର୍ଥନ କରୁଛୁ। ସଂଘର୍ଷ କରୁଥିବା ସମୟରେ ତୁମ ସହ କେହି ଥିଲେ ବହୁତ ଭଲ ଲାଗେ। ଏକାକୀ ସବୁକିଛି ସାମ୍ନା କରିବା ଅପେକ୍ଷା ଏହା ଭଲ। ମୁଁ ଭାବୁଛି ଆମ ଭିତରେ ଯେଉଁଭଳି ସମ୍ପର୍କ ରହିଛି, ତା'ଠାରୁ ଭଲ କିଛି ହୋଇନପାରେ।"



# ପିତାଙ୍କ ପାଇଁ ନେହାଙ୍କ ରୋଡ୍ ଶୋ

**ବ**ଲିଉଡ୍ ଅଭିନେତ୍ରୀ ନେହା ଶର୍ମା ବିହାରରେ ଏକ ରୋଡ୍ ଶୋରେ ଭାଗ ନେଇଥିବା ଦେଖିବାକୁ ମିଳିଛି। ନେହା ତାଙ୍କ ପିତା ଅଜିତ ଶର୍ମାଙ୍କ ସମର୍ଥନରେ ରୋଡ୍ ଶୋ କରିଛନ୍ତି, ଯିଏ କି କଂଗ୍ରେସ ଟିକେଟରେ ଭାଗଲପୁର ଲୋକସଭା ଆସନରୁ ନିର୍ବାଚନ ଲଢୁଛନ୍ତି। ରାଜନୀତିରେ ପ୍ରବେଶ କରିବାର ଚର୍ଚ୍ଚା ମଧ୍ୟରେ ନେହା ସ୍ପଷ୍ଟ କରିଛନ୍ତି ଯେ, ସେ କେବଳ ତାଙ୍କ ପିତାଙ୍କ ପାଇଁ ପ୍ରଚାର କରୁଛନ୍ତି। ନେହା ଶର୍ମା ଇନଷ୍ଟାଗ୍ରାମରେ ବାଙ୍କା, କିଶନଗଞ୍ଜ, କଟିହର ଏବଂ ପୂର୍ଣ୍ଣିୟା ସମେତ ବିହାରର ବିଭିନ୍ନ ଜିଲାରେ ନିଜ ଯାତ୍ରାର ଏକ ଭିଡିଓ ଶେୟାର କରିଛନ୍ତି। ସେ ପାରମ୍ପରିକ ସାଲଓ୍ୱାର କମିଜ୍ ପିନ୍ଧିଥିଲେ ଏବଂ ଜନସାଧାରଣଙ୍କୁ ଅଭିବାଦନ ଜଣାଇବା ସହ ସେମାନଙ୍କୁ ଭୋଟ୍ ଦେବାକୁ ଉତ୍ସାହିତ କରୁଥିବା ଦେଖାବାକୁ ମିଳିଛି। ରୋଡ୍ ଶୋ ସମୟରେ ଅଭିନେତ୍ରୀଙ୍କୁ ପେରପେଣ୍ଟି ଏବଂ କହଲଗାଓଁରେ ବହୁ ସଂଖ୍ୟକ ଲୋକ ତାଙ୍କୁ ସ୍ୱାଗତ କରିଥିଲେ। ଅନ୍ୟ ଏକ ଭିଡିଓରେ ଅଭିନେତ୍ରୀ ଭାଗଲପୁରରେ ତାଙ୍କ ପିତାଙ୍କ ନିର୍ବାଚନ ପ୍ରଚାରରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିବା ଦେଖାଯାଇଛି।



# ମହାକାଶରେ ଫୁଟିଲା ଜିନିଆ ଫୁଲ


**ଆ**ଗକୁ ମଙ୍ଗଳ ଗ୍ରହ ବା ପୃଥିବୀ ବାହାର ଅନ୍ୟାନ୍ୟ ସ୍ଥାନକୁ ମହାକାଶ ଯାତ୍ରା ନିମନ୍ତେ ମହାକାଶଚାରୀଙ୍କୁ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାକୁ ପଡ଼ିବ। ତାହାକୁ ଦୃଷ୍ଟିରେ ରଖି ମହାକାଶ ଗବେଷକମାନେ ଅନ୍ତରୀକ୍ଷରେ ଉଦ୍ଭିଦ ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏହି କ୍ରମରେ ବୈଜ୍ଞାନିକମାନେ ଉଦ୍ଭିଦର ସ୍ଥିତି ସମ୍ପର୍କରେ ୧୯୭୦ ଦଶକରୁ ପରୀକ୍ଷା ନିରୀକ୍ଷା ଚଳାଇ ଆସିଛନ୍ତି। ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ପକ୍ଷରୁ ୨୦୧୫ ମସିହାରେ ମହାଶୂନ୍ୟରେ ପୃଥିବୀ ଚାରିପଟେ ଘୂରୁଥିବା ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଫୁଲ ଗଛ ଲଗାଇବା ଆରମ୍ଭ ହୋଇଥିଲା। ଏହାର ସୁଫଳ ମିଳିଥିବା ଏବେ ଜଣାଯାଇଛି। ସେଠାରେ ଫୁଟିଥିବା ଜିନିଆ ଫୁଲର ଚିତ୍ର 'ନାସା' ନିକଟରେ ପ୍ରକାଶ କରିଛି। 'ମହାକାଶରେ ବଗିଚା' ଗବେଷଣାର ଅଂଶବିଶେଷ ଏହି ଜିନିଆ ଫୁଲ କେବଳ ପ୍ରଦର୍ଶନୀ ପାଇଁ ନୁହେଁ, ବରଂ ପୃଥିବୀ ବାହାରେ କିପରି ଉଦ୍ଭିଦ ବଢ଼ାଯାଇପାରିବ, ସେ ସଂକ୍ରାନ୍ତ ଜ୍ଞାନ ଆହରଣ ପାଇଁ ତାହା ସହାୟକ ହେବ। ଏହା ଦ୍ୱାରା ଚନ୍ଦ୍ର, ମଙ୍ଗଳ ପରି ପୃଥିବୀ ବାହାରକୁ ଦୀର୍ଘମିଆଦୀ ମହାକାଶ ଯାତ୍ରା ବେଳେ ମହାକାଶଚାରୀଙ୍କୁ ସଜ ଫଳମୂଳ ଯୋଗାଇବାର ମୂଲ୍ୟବାନ ଉତ୍ସ ତତ୍କାଳ ମିଳିପାରିବ। 'ନାସା' ମହାକାଶଚାରୀମାନେ ମଧ୍ୟ ପୂର୍ବରୁ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଟମାଟୋ, ବନ୍ଧାକୋବି ଓ କଂଚାଲଙ୍କା ଆଦି ବଢ଼ାଇବା ସହ ଆଗକୁ ଆହୁରି ଅନେକ ଉଦ୍ଭିଦ ବିକଶିତ କରିବାର କାର୍ଯ୍ୟକ୍ରମ ରହିଛି। ମହାକାଶରେ ନଗଣ୍ୟ ବା ଶୂନ ମାଧ୍ୟାକର୍ଷଣ ବଳ ପରିବେଶରେ କିପରି ଏକ ସ୍ୱୟଂକ୍ରିୟ ବଗିଚା ସୃଷ୍ଟି କରିହେବ ସେ ବାବଦରେ ଏହି ଜିନିଆ ଫୁଲ ଫୁଟିବା ଘଟଣା ମହାକାଶଚାରୀଙ୍କୁ ଅଧିକ ଜ୍ଞାନ ଯୋଗାଇବ ବୋଲି 'ନାସା' କହିଛି।

# ସପୁରୀ ଜୁସ୍‌ର ଫାଇଦା:

**ଶ**ରୀରକୁ ସୁସ୍ଥ ରଖିବା ପାଇଁ କିଏ ବା ନ ଚାହେଁ। ଶରୀରକୁ ଉପକାର କରୁଥିବା ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନ୍‌ଆପଲ୍ ତଥା ସପୁରୀ ଜୁସ୍। ସପୁରୀ ରସ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠ ଭଲ ମେଡିସିନ। ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନର ଏକମାତ୍ର ଖାଦ୍ୟ ଉତ୍ସ। ଖରାଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ତେବେ ଆସନ୍ତୁ ଜାଣିବା ସପୁରୀ ଜୁସ୍ ପିଇବା ଦ୍ୱାରା କଣ ମିଳିଥାଏ ଫାଇଦା। ସପୁରୀ ଜୁସ୍‌ରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ। ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ମିଳେ ଓ ଉଜ୍ଜ୍ୱଳ ତ୍ୱଚା ଫେରାଏ। ବୟସ ବଢିବା ସହିତ ଚର୍ମ ସତେଜ ରୁହେ ଏବଂ କୁଂଚନ ଦେଖାଯାଏ ନାହିଁ। ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ? ପିଅନ୍ତି, ତେବେ ଆପଣଙ୍କ ତ୍ୱଚା ସୁସ୍ଥ ଓ କୋମଳ ରହିବ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୫, ଅପ୍ରେଲ ୧୮**

# ଦେଶରେ ମାତୃ ମୃତ୍ୟୁ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଦେଶରେ ୨୦୦୦ରୁ ୨୦୨୩ ମାତୃ ମୃତ୍ୟୁ ହାର ଟ୍ରେଣ୍ଡ ନେଇ ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ୨୦୨୩ ମସିହାରେ ଭାରତରେ କେବଳ ୧୯,୦୦୦ ମାତୃ ମୃତ୍ୟୁ ଘଟିଥିଲା, ଯାହାକି ଆନ୍ତର୍ଜାତିକ ମୃତ୍ୟୁ ହାରର ୭.୨ ପ୍ରତିଶତ। ସେହିପରି ମାତୃ ମୃତ୍ୟୁ କ୍ଷେତ୍ରରେ ନାଇଜେରିଆ ପ୍ରଥମ ସ୍ଥାନରେ ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହା କେବଳ ସ୍ୱାସ୍ଥ୍ୟ ପ୍ରସଙ୍ଗ ନୁହେଁ ମାତୃ ସୁରକ୍ଷା କ୍ଷେତ୍ରରେ ଭାରତରେ ବ୍ୟବସ୍ଥାଗତ ବିଫଳତାକୁ ଦର୍ଶାଉଛି ବୋଲି କୁହାଯାଇପାରେ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ମାତୃ ମୃତ୍ୟୁ ହାର (ଏମଏମଆଇ) ହ୍ରାସ କରିବାରେ ଭାରତ ଅଦଭୂତ୍‌ପୂର୍ବ ସଫଳତା ହାସଲ କରିଛି। ଯାହାକି ୨୦୦୦ରେ ପ୍ରତି ୧,୦୦,୦୦୦ ପ୍ରସବରେ ମାତୃମୃତ୍ୟୁ ୩୮୪ ଥିବାବେଳେ ୨୦୦୩ରେ ତାହା ମାତ୍ର ୨୦୩କୁ ହ୍ରାସ ପାଇଛି। କେରଳ, ତାମିଲନାଡୁ ଭଳି ରାଜ୍ୟରେ ମାତୃ ମୃତ୍ୟୁ ହାର ଏକକ ସଂଖ୍ୟାକୁ ହ୍ରାସ ପାଇଥିବାବେଳେ ଉତରପ୍ରଦେଶ, ବିହାର ପରି ରାଜ୍ୟରେ ଏବେ ଗମ୍ଭୀର ପର୍ଯ୍ୟାୟରେ ରହିଛି। ଏହି ତଥ୍ୟ ଆଂଚଳିକ ସ୍ତରରେ ନୀତି ନିର୍ଦ୍ଧାରଣରେ ଥିବା ପାର୍ଥକ୍ୟକୁ ପ୍ରତିପାଦନ କରୁଛି। କହିବା ବାହୁଲ୍ୟ ଯେ, ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ବା ଜାତୀୟ ପରିବାର ନିୟୋଜନ କାର୍ଯ୍ୟକ୍ରମକୁ ଅତ୍ୟନ୍ତ ସଫଳତାର ସହ କାର୍ଯ୍ୟକାରୀ କରିବାରେ ଉଭୟ କେରଳ ଓ ତାମିଲନାଡୁ ତାଲିକାର ସର୍ବାଗ୍ରେ ରହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନାଇଜେରିଆ ସହ ଭାରତର ତୁଳନାକୁ ଦୃଢ ଭାବେ ଅଗ୍ରାହ୍ୟ କରିଛି, ଯାହାକି ଯଥାର୍ଥତା ବହନ କରେ। ଯାହାର କାରଣ ସ୍ୱରୂପ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦେଶର ଜନସଂଖ୍ୟାକୁ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଭାରତ ଏବେ ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ର ଭାବେ ଚୀନକୁ ଦ୍ୱିତୀୟ ସ୍ଥାନକୁ ଠେଲି ଦେଇ ପ୍ରଥମ ସ୍ଥାନ ଅଧିକାର କରିଛି। ଜନସଂଖ୍ୟା ଦୃଷ୍ଟିରୁ ଭାରତରେ ମାତୃମୃତ୍ୟୁ ହାର ଅନ୍ୟ ରାଷ୍ଟ୍ରଗୁଡିକ ତୁଳନାରେ ଅଧିକ ରହିବା ସ୍ୱାଭାବିକ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦର୍ଶାଇଛି। ଏବେ ବି ଦେଶରେ ପରିବାରଗୁଡିକ ଦୈନିକ ୫୨ଜଣ ନବ ପ୍ରସବା ମହିଳାଙ୍କର ମୃତ୍ୟୁ ଘଟୁଥିବା ସାଂପ୍ରତିକ ଆକଳନ ସୂଚନା ଦେଇଛି। ଏହା ନିଦ୍ଦେହ ଯେ, ଏହି ସମସ୍ୟା କେବଳ ସ୍ୱାସ୍ଥ୍ୟଯନ୍ତ୍ର ଭିତିଭୂମି ଉପରେ ନୁହେଁ, ସାମାଜିକ ଆବଶ୍ୟକତା ତଥା ପୁଷ୍ଟିକର ଖାଦ୍ୟ, ଶିକ୍ଷା, ବାଲ୍ୟ ବିବାହ ଏବଂ ଗର୍ଭବତୀ ସମୟରେ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଅଭାବ ଯୋଗୁଁ ଘଟୁଛି। ଦେଶରେ ବାଲ୍ୟ ବିବାହ ପରି କୁସଂସ୍କାର ଏବେ ଚିନ୍ତାଜନକ ସ୍ଥିତିରେ ରହିଛି। ସେହିପରି ଗର୍ଭବତୀ ଅବସ୍ଥାରେ କୁପୋଷଣ ବା ପୁଷ୍ଟିର ଅଭାବ ଗୁରୁତର ସମସ୍ୟା ସୃଷ୍ଟି କରିଛି। ଏହା ସତ୍ୟ ଯେ, ଦେଶରେ ମାତୃ ଓ ଶିଶୁ ସୁରକ୍ଷା ପାଇଁ ସରକାର କେନ୍ଦ୍ର ଓ ରାଜ୍ୟ ସ୍ତରରେ ସରକାର ବହୁବିଧ ଯୋଜନା ତଥା ଜନନୀ ସୁରକ୍ଷା ଯୋଜନା, ଶକ୍ତି ମାତୃତ୍ୱ ଆଶ୍ୱାସନା (ଏସୟୁଏମଏନଏ), ବେଟି ବଂଚାଓ, ବେଟି ପଢାଓ, ମମତା, ଆଦି ଯୋଜନା କାର୍ଯ୍ୟକାରୀ କରୁଥିଲେ, ତାହା ସଫଳ ହୋଇପାରିନାହିଁ। ବିଶେଷ କରି ଦୁର୍ଗମ ଅଂଚଳରେ ଏହି ଯୋଜନାଗୁଡିକ ସାତ ସପନ ହୋଇଛି। ଏଥିଲାଗି କେନ୍ଦ୍ର ଓ ରାଜ୍ୟ ସରକାରମାନେ ଅଗ୍ରାଧିକାର ଭିତିରେ କାର୍ଯ୍ୟ କରିବା ଜରୁରୀ। ସେହିପରି ଗ୍ରାମାଚଂଳରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ କରିବା, ଦୁର୍ଗମ ଅଂଚଳରେ ସେବା ବିଭିନ୍ନ ଜନନୀ ସୁରକ୍ଷା ଯୋଜନାକୁ ପହଁଚାଇବା, ଯୋଜନାକୁ କାର୍ଯ୍ୟକାରୀ କରୁଥିବା କ୍ଷେତ୍ରୀୟ ଅଧିକାରୀମାନଙ୍କୁ ଉତରଦାୟୀ କରିବା ଏବଂ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ସମ୍ପ୍ରଦାୟକୁ ଯୋଜନାରେ ସାମିଲ କରିବା ପାଇଁ ସଚେତନତା କରିବା ଆବଶ୍ୟକତା ରହିଛି, ଯାହାକି ମାତୃ ମୃତ୍ୟୁକୁ ରୋକିପାରିବ। ଏଥିପାଇଁ ରାଜନୈତିକ ଇଚ୍ଛାଶକ୍ତି ଏବଂ ସମନ୍ୱୟଭିତିକ କ୍ରୀୟାନୁଷ୍ଠାନର ଆବଶ୍ୟକତା ରହିଛି। କୌଣସି ମହିଳାଙ୍କୁ ମୃତ୍ୟୁବରଣ କରିବାକୁ ଦିଆଯିବା ଆଦୌ ଉଚିତ ନୁହେଁ, ଯେତେବେଳେ ସେ ନୂତନ ଜୀବଦାନ ଦେଇଥାନ୍ତି, ଏହା ହିଁ ସରକାରଙ୍କ ନିଶାଣ ହେବା ସାଂପ୍ରତିକ ସମୟର ଜରୁରୀ ଆବଶ୍ୟକତା

**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧,**
**ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-**
**୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# ସକାରାତ୍ମକ ଓ ନକାରାତ୍ମକ ମାନସିକତା

ଅଦୃଶ୍ୟ ସ୍ରଷ୍ଟାଙ୍କ ସୃଷ୍ଟିରେ ମାନବ ଏକ ଅନବଦ୍ୟ ସୃଷ୍ଟି। ମନୁଷ୍ୟକୁ ଏକ ସୁନ୍ଦର ସ୍ଥୁଳ ଶରୀର ସାଙ୍ଗକୁ ସୂକ୍ଷ୍ମ ଚୈତନ୍ୟ ଶକ୍ତି ପ୍ରଦାନ, ପ୍ରକୃତିର ଏକ ସର୍ବଶ୍ରେଷ୍ଠ ଦାନ। କିନ୍ତୁ ପ୍ରକୃତିଦତ ଚରିତ୍ର, ଭିନ୍ନ ଭିନ୍ନ ବ୍ୟକ୍ତିଙ୍କଠାରେ, ଭିନ୍ନ ଭିନ୍ନ ଭାବରେ ପରିପ୍ରକାଶ ହୋଇଥାଏ। କେତେକ ବ୍ୟକ୍ତି, ଦୟା, ପରୋପକାର, ସହାନୁଭୁତି, ମିଷ୍ଟଭାଷୀ, ନିରହଂକାର, ଶାନ୍ତ ଓ ସରଳତା ପରି ଦୈବୀଗୁଣସମ୍ପନ୍ନ ହୋଇଥିବା ସ୍ଥଳେ, ଅନ୍ୟ କେତେକ ବ୍ୟକ୍ତି, କ୍ରୁରତା, ନିଷ୍ଠୁରତା, ଅହଂକାର, ସ୍ୱାର୍ଥପରତା, ଲୋଭ ଓ କୁଟିଳତା ପରି ଆସୁରୀକ ଗୁଣସମ୍ପନ୍ନ ହୋଇଥାଆନ୍ତି। ଅନେକ ବ୍ୟକ୍ତି କିଛି ମିଶ୍ରିତ ଗୁଣ ପ୍ରାପ୍ତ ହୋଇଥା'ନ୍ତି। ଅନେକ ସୁଗୁଣ ଥିବା ବ୍ୟକ୍ତିର କିଛି ଦୁର୍ଗୁଣ ଥାଏ, କିମ୍ବା ଅନେକ ଦୁର୍ଗୁଣ ଥିବା ବ୍ୟକ୍ତିର କିଛି ସୁଗୁଣ ବି ଥାଏ। ମୋଟାମୋଟି ଭାବରେ ସାଧାରଣତଃ ସୁଗୁଣାଧିକାରୀ ବ୍ୟକ୍ତି ସକାରାତ୍ମକ ଓ ଦୁର୍ଗୁଣାଧିକାରୀ ବ୍ୟକ୍ତି ନକାରାତ୍ମକ ମାନସିକତାର ହୋଇଥା'ନ୍ତି। ସକାରାତ୍ମକ ବ୍ୟକ୍ତି ଏବଂ ନକାରାତ୍ମକ ବ୍ୟକ୍ତିମାନଙ୍କର କାର୍ଯ୍ୟଧାରାରେ ସାଧାରଣ ପ୍ରଭେଦ ହେଉଛି-

(୧) ସକାରାତ୍ମକ ବ୍ୟକ୍ତି ପ୍ରତ୍ୟେକ ସମସ୍ୟାର, ସରଳ ସମାଧାନ ପାଇଁ ଚେଷ୍ଟା କରେ, କିନ୍ତୁ ନକାରାତ୍ମକ ବ୍ୟକ୍ତି ପ୍ରତ୍ୟେକ ସହଜ କାର୍ଯ୍ୟରେ ସମସ୍ୟା ସୃଷ୍ଟି କରେ। ଏହା ମଧ୍ୟ ଏକ ଜନ୍ମଗତ ମାନସିକତା। ଅନେକ ଲୋକ ଅଛନ୍ତି, ତାଙ୍କର ବ୍ୟକ୍ତିଗତ ସମସ୍ୟା ହୋଇ ନଥିଲେ ମଧ୍ୟ, ଅନ୍ୟର ସମସ୍ୟା ଦୃଷ୍ଟିଗୋଚର ହେବାମାତ୍ରେ, ଅଯାଚିତ ଭାବରେ, ସମସ୍ୟାଜଡିତ ବ୍ୟକ୍ତିଙ୍କୁ, ସମାଧାନର ସରଳ ମାର୍ଗ ପ୍ରଦର୍ଶିତ କରିଥାନ୍ତି। କିନ୍ତୁ ଅପରପକ୍ଷରେ, ଅନେକ ନକାରାତ୍ମକ ଚିନ୍ତା ଧାରାର ବ୍ୟକ୍ତି , ଅତ୍ୟନ୍ତ ସରଳ ଭାବରେ ସଂଘଟିତ ହେଉଥିବା କାର୍ଯ୍ୟରେ, ନିଜର କୁଟିଳ ବୁଦ୍ଧି ପ୍ରୟୋଗ କରି, ସେଥିରେ ଅନେକ ସମସ୍ୟା ସୃଷ୍ଟି କରନ୍ତି। (୨) ସକାରାତ୍ମକ ବ୍ୟକ୍ତି ସର୍ବଦା କର୍ମଠ ହୋଇ, ଆତ୍ମକଲ୍ୟାଣ, ସମାଜ ମଙ୍ଗଳ ନିମନ୍ତେ ନୂଆ ନୂଆ କାର୍ଯ୍ୟ ଆରମ୍ଭ କରିଥାନ୍ତି, ମାତ୍ର ନକାରାତ୍ମକ ବ୍ୟକ୍ତି ଆଳସ୍ୟ ଏବଂ ସ୍ୱାର୍ଥପରତାର ବଶବର୍ତୀ ହୋଇ, ନିଜ କାର୍ଯ୍ୟ ବ୍ୟତୀତ, କୌଣସି ଜନହିତକାରୀ ବା ସମାଜ ମଙ୍ଗଳ କାର୍ଯ୍ୟ ନକରିବା ପାଇଁ ବାହାନାର ଆଶ୍ରୟ ନେଇଥାଏ। (୩) ଜଣେ ସକାରାତ୍ମକ ବ୍ୟକ୍ତି, ନିଜ କାର୍ଯ୍ୟ ସାରି, ଅନ୍ୟର କାର୍ଯ୍ୟଭାର ହାଲୁକା କରିଦେବା ନିମନ୍ତେ କହେ,"ମୁଁ ଆପଣଙ୍କ ପାଇଁ ଏ କାମଟିକୁ କରିଦେବି", କିନ୍ତୁ ଜଣେ ନକାରାତ୍ମକ ବ୍ୟକ୍ତି, ନିଜ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକୁ ମଧ୍ୟ କହେ, "ଏହା ମୋର କାମ ନୁହେଁ।" (୪) ସକାରାତ୍ମକ ବ୍ୟକ୍ତି ପ୍ରତ୍ୟେକ କାର୍ଯ୍ୟକୁ ଅନୁଧ୍ୟାନ କରେ ଏବଂ କହେ, "ଏ କାର୍ଯ୍ୟଟି ଜଟିଳ ହେଲେ ମଧ୍ୟ କରିବା ସମ୍ଭବ।" କିନ୍ତୁ ଜଣେ ନକାରାତ୍ମକ ବ୍ୟକ୍ତି, କୌଣସି କାର୍ଯ୍ୟକୁ ଅନୁଧ୍ୟାନ ନକରି କହେ, "କାର୍ଯ୍ୟଟି କରିବା ସମ୍ଭବ, କିନ୍ତୁ ଏହା ଅତ୍ୟନ୍ତ ଜଟିଳ।" (୫) ପ୍ରତ୍ୟେକ ମନୁଷ୍ୟ ଜୀବନକାଳ ମଧ୍ୟରେ ଜାଣତରେ ହେଉ ବା ଅଜାଣତରେ ହେଉ, ଅନେକ ଭୁଲ୍ କାର୍ଯ୍ୟ କରିଥା'ନ୍ତି। ସକାରାତ୍ମକ ବ୍ୟକ୍ତି କିଛି ଭୁଲ୍ କରିଛି ଅନୁଭବ କଲେ, ସାଙ୍ଗେ ସାଙ୍ଗେ ଭୁଲ୍ ସ୍ୱୀକାର କରିନିଏ, ଯଦ୍ଦ୍ୱାରା ଅନେକ ସମସ୍ୟାର ସହଜ ସମାଧାନ ହୋଇଯାଇଥାଏ, କିନ୍ତୁ ନକାରାତ୍ମକ ବ୍ୟକ୍ତି ଭୁଲ କରିଥିଲେ ବି ଦୋଷ ମାନେନାହିଁ, ବରଂ ନିଜେ ଠିକ୍ ବୋଲି ଅଯଥା ଯୁକ୍ତିତର୍କ କରିଥାଏ, ଯଦ୍ଦ୍ୱାରା ଅନେକ ଜଟିଳ ସମସ୍ୟା ସୃଷ୍ଟି ହୋଇଥାଏ।

**ପ୍ରଦୀପ୍ତ ଆଚାର୍ଯ୍ୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଈଶାଣୀବ୍ରହ୍ମପୁର, କଟକ। ମୋ-୬୩୭୧୫୯୩୨୨୦**

# ଗ୍ରାମ ଉନ୍ନୟନରେ ଜାତୀୟ ବିକାଶ ସନ୍ନିହିତ ଥାଏ

ଭାରତୀୟ ଜନତାଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଗ୍ରାମା ଳରେ ବାସ କରିଥା ବୋଲି ସର୍ବେକ୍ଷଣ କହେ। ଯଦି ଆମେ ଭୌଗଳିକ ଦୃଷ୍ଟିରୁ ବିବେଚନା କରିବା ତେବେ ଆପାତତଃ ୯୬ ପ୍ରତିଶତ ଭାଗ ଗ୍ରାମାଂଚଳର ସୀମା ଅ'ର୍ଭୁକ୍ତ। ଗ୍ରାମାଂଚଳରେ ବସବାସ କରୁଥିବା ଲୋକଙ୍କ ବିକାଶକୁ ଆଖି ଆଗରେ ରଖି ସେମାନଙ୍କର ସାମାଜିକ, ଆର୍ଥିକ ବିକାଶକୁ ନେଇ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିବା ନିମେ' ଉଦ୍ୟମ ଜାରି ରଖିଛ' କାରଣ ସେହିମାନେ ହେଉଛ' ସରକାରଙ୍କର ଅସଲ ଭୋଟ ବ୍ୟାଙ୍କ। କି' ଦୁଃଖ ଓ ପରିତାପର ବିଷୟ ସ୍ୱାଧୀନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ସେଦିନର ନେହେରୁଙ୍କ ଅମଳରୁ ଆଜିର ମୋଦିଙ୍କ ଶାସନ କାଳ ଭିତରେ ଆଜିର ଗ୍ରାମ୍ୟ ଭାରତର ଅବସ୍ଥା ଯେମିତି ରହିଛି, ଯେଉଁଠି ପାନୀୟ ଜଳ, ବିଦ୍ୟୁତ, ସଡକ, ବାସଗୃହ, ଖାଦ୍ୟ ଏବଂ ବସନ ଭଳି ମୌଳିକ ଆବଶ୍ୟକତାର ଅଭାବ ମର୍ମେ ମର୍ମେ ଅନୁଭବ କରି ବସିଲେ ଯେକୌଣସି ଭାରତୀୟ ଚି'ାରେ ଆହତ ହେବା ସ୍ୱାଭାବିକ। ଆଜକୁ ୭ ବର୍ଷ ତଳର କଥା, ମାସ ଥିଲା ଏହି ଏପ୍ରିଲ। ମହାରାଷ୍ଟ୍ରର ଲାଟୁର ବାସୀଙ୍କୁ ଜଳ ସଙ୍କଟରୁ ରକ୍ଷା କରିବା ପାଇଁ ମୋଦିଜୀ ଲକ୍ଷ ଲକ୍ଷ ଟନ୍ ଜଳ ପ୍ରେରିତ କରି ଲାଟୁର ବାସୀଙ୍କଠାରୁ ବାଃ ବାଃ ସାଉ ିଥିଲେ କେବଳ ଲାଟୁରବାସୀ ନୁହଁ ତାଙ୍କର ଏଭଳି ଆଶୁ ପଦକ୍ଷେପ ଯୋଗୁଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜରିୱାଲଙ୍କ ଠାରୁ ଆରମ୍ଭ କରି ବହୁ ଉଚ୍ଚ ସୋପାନ ବ୍ୟକ୍ତି ତାଙ୍କୁ ବଧାଇ ଜଣାଇଥିଲେ। କେବଳ ଲାଟୁର ନୁହଁ, ଦେଶର ବହୁ ରାଜ୍ୟ ଏପରିକି ନଦୀ ବହୁଳ ଓଡିଶା ଭଳି ରାଜ୍ୟ ମଧ୍ୟ ଜଳସଙ୍କଟର ଶିକାରରୁ ବାଦ୍ ଯାଇ ନାହିଁ। ଖରାଦିନେ ପାନୀୟ ଜଳଠାରୁ ଆରମ୍ଭ କରି ବର୍ଷା ଦିନେ ବର୍ଷାର ଅଭାବ ଯୋଗୁଁ କୃଷି ଜଳର ସଙ୍କଟ ଖାଦ୍ୟାଭାବର ପରିଣତିକୁ ଉଦବେ୍ ଗଜନକ ପରିଣତିରେ ଆଣି ପହଂଚାଇ ସାରିଛି। ଯେଉଁଥିପାଇଁ କି ଏ ରାଜ୍ୟରେ ଚାଷୀ ଆତ୍ମହତ୍ୟା ଏକ ଗୁରୁତର ବିଷୟ ହୋଇ ଯାଇଛି। ଏବେ କ୍ରମାନ୍ୱୟରେ ପ୍ରତୀୟମାନ ହେଉଛି ଯେ ଗ୍ରାମ ଉନ୍ନୟନ ପ୍ରକଳ୍ପ ଏବଂ ଦାରଦ୍ର୍ୟ ଦୂରୀକରଣ ଯୋଜନା ପ୍ରତି ଦୃଷ୍ଟା' ମୂଳକ ପଦକ୍ଷେପ ଗ୍ରହଣ ନକଲେ କୌଣସି ଯୋଜନା ଫଳବତୀ ହେବା ସମ୍ଭବ ନୁହେଁ। ଏହି ଉଦ୍ଦେଶ୍ୟରେ ସମଗ୍ର ଦେଶରେ ଚାରିଆଡେ ଗ୍ରାମବାସୀଙ୍କୁ ଦୃଷ୍ଟିରେ ରଖି ଅନେକ ନୂତନ ପ୍ରକଳ୍ପର ଭି ି ସ୍ଥାପନା ଚାଲୁଛି। ଏବଂ ତା ସଙ୍ଗେ ସଙ୍ଗେ ପଡିରହିଥିବା ପୁରୁଣା ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ପ୍ରଚେଷ୍ଟା ଜାରି ରହିଛି।

ଏକଦା ଗାନ୍ଧିଜୀ ତାଙ୍କର ପ୍ରିୟ ଲେଖକ ମୁଲକରାଜ ଆନନ୍ଦଙ୍କୁ ସାକ୍ଷାତ କାଳରେ କହିଥିଲେ ଭାରତୀୟ ଗ୍ରାମ୍ୟ ଉନ୍ନୟନ ତ୍ୱରାନ୍ୱିତ ହୋଇ ନପାରିଲେ ଆମେ ବିଶାଳ ଭାରତକୁ ମନ ମୁତାବକ ଗଢି ପାରିବା ନାହିଁ। ଗାନ୍ଧିଜୀ ଇଚ୍ଛା କରିଥିଲେ ଭାରତୀୟ ଗ୍ରାମଗୁଡିକ ସ୍ୱାଧୀନ ଗଣତାନ୍ତ୍ରୀକ ଡା ାରେ ଶାସନରେ ସ୍ୱାଧୀନତା ଅବଲମ୍ବନ କରି ଦୈନନ୍ଦିନର ଚାହିଦା ପୁରଣ ନିମେ' ପର୍ଯ୍ୟାପ୍ତ ଅର୍ଥ ଯୋଗାଡ କରି ଗ୍ରାମବାସୀଙ୍କ ଦ୍ୱାରା ନିଜକୁ ନିଜେ ଶାସନ କରି ଚାଲ'। ଭାରତ ଯେହେତୁ ଏକ କୃଷି ପ୍ରଧାନ ଦେଶ, ତେଣୁ ଗାଉଁଲି ଲୋକଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ସମତୁଲ ଦୃଷ୍ଟିଭଙ୍ଗି ଏବଂ ପୁଁ ନିବେଶର ଆବଶ୍ୟକତା ଜରୁରୀ ଅଟେ। ଆମ ଗାଁ ଗହଳିରେ ଜନସଂଖ୍ୟାର ହାର ଅଧିକ ଥିବାରୁ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ତଥା ସ୍ୱଚ୍ଛଳତା ଦିଗରୁ ବହୁ ପଛରେ ଗତି କରୁଥିବାରୁ ସରକାର ଏବେ ଗ୍ରାମାଂଚଳର ଲୋକଙ୍କ ସୁବିଧା ନିମେ' ବେଶ ଦୃଷ୍ଟି ଦେଉଛ'। ଗ୍ରାମ୍ୟ ଉନ୍ନୟନ ଚି'ାଧାରା ସ୍ୱୟଂ ସମ୍ପୂର୍ଣ୍ଣ ତଥା ସୁଦୂର ପ୍ରସାରୀ। ସେଇଥିପାଇଁ ଏକଦା ବିଶେଷଜ୍ଞ ଜି. ଏାହା ଏମିତି ବିନ୍ୟାସ କରିଥିଲେ, ' ଗ୍ରାମ୍ୟ ଉନ୍ନୟନ ହେଉଛି ଗ୍ରାମାଂଚଳର ବିକାଶ; ସମୟେ ସମୟେ ଜଳସେଚନର ସୁବିଧା, ବ୍ୟାପକ ବିଦ୍ୟୁତିକରଣ, କୃଷି ପ୍ରଣାଳୀରେ ଉନ୍ନତି, ବିଦ୍ୟାଳୟ ନିର୍ମାଣ, ଶିକ୍ଷା ସୁବିଧା ଓ ସ୍ୱାସ୍ଥ୍ୟ ସେବାର ବ୍ୟବସ୍ଥା ଆଦିକୁ ଗ୍ରାମ୍ୟ ଉନ୍ନୟନ



ଉମାଶଙ୍କର ପ୍ରସାଦ

ବୁଝାଇଥାଏ।' ଅନେକ ଏହାକୁ ଏକପାଖିଆ ମତ ବୋଲି କହିଥିଲେ ମଧ୍ୟ ପଲ୍ଲୀ ସମାଜରେ ଯେଉଁ ପଟ୍ଟ ପରିବ ିନ ଘଟି ଚାଲୁଛି ତାହାହିଁ ଗ୍ରାମ୍ୟ ଉନ୍ନୟନର ଜଟିଳ ତଥା ଦୀର୍ଘସୂତ୍ରୀ ଧାରା ଭାବେ ଗ୍ରହଣ କରାଯାଉଛି। କାରଣ ଗାଇଁଲି ଲୋକଙ୍କ ଜୀବନ ଶୈଳୀରେ ଗୁଣବ ାର ଅଭିବୃଦ୍ଧି ନିମେ' ଯୋଜନାଭି ିକ ଯେଉଁ ସବୁ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି ଏହା ସେଗୁଡିକର ପ୍ରତିନିଧିତ୍ୱ କରେ।

ଆଜି ଭାରତବର୍ଷରେ ୭୦ ପ୍ରତିଶତ ଲୋକ ଗାଁରେ ବାସ କରୁଥିଲେ ସୁଦ୍ଧା ଗ୍ରାମ୍ୟ ସ୍ତରରେ ଅଭିବୃଦ୍ଧି ନିମେ' ଯେତେ ପ୍ରାଧାନ୍ୟ ଦେବା କଥା ତାହା ଦିଆ ଯାଉନାହିଁ। ଆମ ମିତବ୍ୟୟତା ଦ୍ରୁତ ଅଭିବୃଦ୍ଧି ଅଭିମୁଖେ ଆଗେଇ ଚାଲିଛି। କୋହଲ ନୀତି ଅନୁସୃତ ହେବାରୁ ଉତ୍ପାଦ, ସେବାକ୍ଷେତ୍ର ଓ ସୂଚନା ପ୍ରଯୁକ୍ତିରେ ଅଭୂତପୂର୍ବ ପରିବ ିନ ଘଟିଛି। ଶିଳ୍ପ ତଥା ବଡ ବଡ ନଗମ ଯଦୀଓ ଜଗତୀକରଣରେ ସାମିଲ ହେଲେଣି; କି' କେହି ଏହିସବୁ ଅଭିବୃଦ୍ଧି ପରି ଗ୍ରାମାଂଚଳର ଅଭିବୃଦ୍ଧି ଘଟୁ ବୋଲି ଚି'। କରୁନାହାଁ'। ଗ୍ରାମାଂଚଳର ଆଭ୍ୟ'ରୀଣ ଅଭିବୃଦ୍ଧି ଘଟିବା ଫଳରେ ସମୁଦାୟ ଗ୍ରାମ୍ୟବିକାଶର ପଟ୍ଟ ପରିବ ିନ ହେବ ବୋଲି ଯାହା ଗାନ୍ଧିଜୀ କହୁଥିଲେ ତାହା ସମ୍ପୂର୍ଣ୍ଣ ଠିକ୍। ଭାରତରେ ଗ୍ରାମ୍ୟ ଉନ୍ନୟନର ସମୀକ୍ଷା କଲାବେଳେ ବୁଝାପଡେ ସମୟର ଅଗ୍ରଗତି ମଧ୍ୟରେ ଏହାର ଚି'ାଧାରାରେ ପରିବ ିନ ଘଟିଛି। ଡେରିରେ ହେଲେ ସୁଦ୍ଧା ଗ୍ରାମ୍ୟ ଉନ୍ନୟନ କହିଲେ, 'କୃଷିର ବ୍ୟାପକତା, ଅଭିବୃଦ୍ଧି ଏବଂ ଜନସଂଖ୍ୟାର ୩୦ ପ୍ରତିଶତ ଅଭିବୃଦ୍ଧି ହାସଲ କରିତ୍‌ବାବେଳେ ବହୁ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବାରୁ ଏହାକୁ ପ୍ରକୃତ ଅଭିବୃଦ୍ଧି ବୁଝାଯିବ ନାହିଁ। ଗ୍ରାମ୍ୟ ଉନ୍ନୟନ ଗ୍ରାମ୍ୟ ମିତବ୍ୟୟତାର ସମସ୍ତ କ୍ଷେତ୍ରରେ ପରିବ ିନ ଆଣିବାକୁ ଚାହେଁ। ସେହି କ୍ଷେତ୍ରଗୁଡିକ ପ୍ରାଥମିକ ଶ୍ରେଣୀୟ, ଦ୍ୱିତୀୟ ଶ୍ରେଣୀୟ ଏବଂ ଆଂଚଳିକ ଶ୍ରେଣୀୟ ହୋଇଥିବା ଦରକାର। ଆମେ ଏକବିଂଶ ଶତାବ୍ଦୀର ସାମ୍ପ୍ରତିକ ଯେ କୌଣସି ଏକ ଦଶକରେ କୌଣସି ଗାଁ କୁ ବୁଲିଗଲେ ଦେଖିବା ଯେ ସେହି ଗାଁ ଭିତରେ ଅବସ୍ଥିତ ଘରଗୁଡିକ ମାଟି କାନ୍ଥ, ନଡା ବାଉଁଶରେ ତିଆରି ଚାଳ ଛପରରେ ନିର୍ମିତ। ଚାଳରେ ଠାବେ ଠାବେ କଣା ହୋଇ ଦିନରେ ସୂର୍ଯ୍ୟ କିରଣ ଓ ରାତିରେ ଚନ୍ଦ୍ରକିରଣ ଘର ଭିତରକୁ ପଡିଥାଏ। ସେହି ଅବସ୍ଥାରେ ସେମିତି ଦୁଃଖ କଷ୍ଟରେ ସେମାନେ ମୁଣ୍ଡ ଗୁଁ ରହିଥା'। ଭୋକ ଉପାସରେ ଦିନ କାଟିବା ସ ୍ୱ ପାଣିର ଅଭାବ ଅଧିକାଂଶ ଗ୍ରାମବାସୀଙ୍କ ପକ୍ଷେ ଯେଉଁଭଳି କଷ୍ଟ ଦାୟକ ତାହା ଆଖିରେ ନଦେଖିଲେ ବିଶ୍ୱାସ କରି ହୁଏ ନାହିଁ। ଝିଅ ବୋହୁମାନେ ଖରା ଦିନେ ପାଣି ମୁନ୍ଦିଏ ପାଇଁ କାହିଁ କେତେ ଦୂର ଝରଣା ପାଖକୁ ଡେକ୍‌ଚି ମାଠିଆ ବୋହି ଯାଆ'। ଏସବୁ କ୍ଷେତ୍ରରେ ପାନୀୟ ଜଳ ଯୋଗାଣ ନିମେ' ଦୂର ଦୂରା' ଯାଇ ଦୈନନ୍ଦିନ କାର୍ଯ୍ୟ କରିବ କ୍ଲି'କର ଏବଂ କଷ୍ଟକର ସମମସ୍ୟା। କବେଳ ନଳ ପାଇପ୍ ବ୍ୟବସ୍ଥା ଦ୍ୱାରା ଏହାର ଅନେକାଂଶରେ ସମାଧାନ ହୋଇପାରେ। ଗ୍ରାମାଂଚଳ ଉନ୍ନୟନ ନିମେ' ବୃତିଗତ ତାଲିମ ଏବଂ ଶିକ୍ଷାଗତ ସୁବିଧା ସହ ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ସୁବିଧା ତଥା ନିଯୁକ୍ତି ସୁଯୋଗର ବ୍ୟବସ୍ଥା କରାଗଲେ ଗ୍ରାମୀଣ ଲୋକଙ୍କର ଜୀବନ ଧାରଣର ମାନ ନିଶ୍ଚୟ ବୃଦ୍ଧି ପାଇପାର'। ବ ିମାନ ଆମକୁ ବୁଝିବାକୁ ହେବ କୃଷି ବିକାଶ ସେତେବେଳେ ଠିକ୍ ସମ୍ଭବ ହେବ, ଯେତେବେଳେ ଆମ ଦେଶରେ ଭୂସଂସ୍କାର ପଦ୍ଧତି ସମ୍ପୂର୍ଣ୍ଣ ଫଳପ୍ରଦ ଅବସ୍ଥାରେ ଲାଗୁହେବ, ଜଳ ଯୋଗାଣର ଚାହିଦା ଠିକ୍ ରହିବ ଏବଂ ଜମିର ଚାହିଦା ଅନୁସାରେ ଉ ମ ବିହନ, ଉପଯୋଗୀ ଖତ, ସାର ଏବଂ ଔଷଧ ବ୍ୟବହାରରେ କୌଣସି ପ୍ରକାର ଅସୁବିଧା ରହିବ ନାହିଁ। ଗ୍ରାମାଂଚଳରେ ଦ୍ରୁତ ବିକାଶ ଘଟାଇବାକୁ ଭାରତ ସରକାର ଯେ ବଦ୍ଧପରିକର ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ। ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟ ଗାଁ ଗହଳିରେ ବସବାସ କରୁଥିବା ଲୋକମାନଙ୍କ ଜୀବନ ଧାରଣ ମାନରେ ଯଥାଯଥ ଉନ୍ନତି ଆଣିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଉଛ'। ଅନେକଙ୍କ ମନେଥିବ ୧୯୫୨ ମସିହାରେ ଦେଶର ପ୍ରାଥମିକ ଗ୍ରାମ୍ୟ ଯୋଜନା ଭାବେ ଏକ ଗୋଷ୍ଠୀ ଉନ୍ନୟନ ଯୋଜନାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଚାଷୀମାନଙ୍କୁ ଉଚ୍ଚମାନର ବିହନ ସମେତ ଆଧୁନିକ କୃଷି ଯନ୍ତ୍ରପାତି ଏବଂ ରାସାୟନିକ ଔଷଧ ଯୋଗାଇବା। ଏହାଛଡା ଜଳସେଚନରେ ଯେପରି ଉନ୍ନତି ଘଟିବ ସେହି ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା। ଗ୍ରାମ୍ୟ ପଶୁପାଳନ, କ୍ଷୁଦ୍ରଶିଳ୍ପ ଯୋଜନାର ଉନ୍ନତି ଏସବୁକୁ ଆଖିରେ ରଖି ଗ୍ରାମ୍ୟ ପୁନର୍ନିର୍ମାଣ ମନ୍ତ୍ରଣାଳୟ ଗଠିତ ହୋଇଥିଲା ଯାହାର ପ୍ରମୁଖ କାର୍ଯ୍ୟ ଥିଲା ଗ୍ରାମ ଉନ୍ନୟନ। ମନେ ରଖିବାକୁ ହେବଯେ ସ୍ୱାସ୍ଥ୍ୟ ଏବଂ ଶିକ୍ଷାପରି କଲ୍ୟାଣକର ଯୋଜନାର ଉନ୍ନତି ହିଁ ଗ୍ରାମ୍ୟ ଉନ୍ନୟନର ସାମାଜିକ ଆକୃତି ଗଠନରେ ସହାୟକ ହୋଇଥାଏ। ଗ୍ରାମ୍ୟ ଉନ୍ନୟନ ଦିଗରେ ପଂଚାୟତରାଜର ଅବଦାନକୁ କେବେହେଲେ ଅସ୍ୱୀକାର କରାଯାଇ ନ ପାରେ। ନୂତନ ପଦକ୍ଷେପ ଭାବରେ ଏବେ ସାରା ଦେଶରେ ଗ୍ରାମସଭା ଏକ ସ୍ୱଷ୍ଟ ଅନୁଷ୍ଠାନ ଭାବେ ଉଭା ହୋଇଛି।


ଉମାଶଙ୍କର ପ୍ରସାଦ, ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା (୬୩୭୦୬ ୭୫୫୬୨)

# ପ୍ରେମ ସ୍ୱରୂପ ସତ୍ୟସାଇ

ଭଗବାନ ସବୁ ନାମ ଓ ରୂପ, ଏ ସବୁର ସୁସମନ୍ୱିତ ସମାହାର । ବିଭିନ୍ନ ମତବାଦରେ ଗୃହୀତ, ବିଭିନ୍ନ ମାନବ ସମାଜ ଦ୍ୱାରା ଆରାଧିତ ଦେବତାମାନେ ପ୍ରକୃତରେ ଏକ ଭଗବାନଙ୍କର ଅଙ୍ଗପ୍ରତ୍ୟଙ୍ଗ । ଶରୀରା ଯେପରି ଇନ୍ଦ୍ରିୟ ଓ ଅଙ୍ଗପ୍ରତ୍ୟଙ୍ଗ ମାନଙ୍କର ସମନ୍ୱିତ ଏକକ ଭଗବାନ ସେହିପରି ମଣିଷ ତାଙ୍କୁ ଦେଇଥିବା ସବୁ ରୂପ ଓ ନାମଗୁଡ଼ିକର ସମନ୍ୱୟ । ଭଗବାନଙ୍କ ବିଷୟରେ ଚିନ୍ତା କରିବା ସକାଶେ ଯେ କୌଣସି ଉପାୟ ପାଇଁ ଆବଶ୍ୟକ ଭଗବତ୍ ବିଶ୍ୱାସ ଅନୁପସ୍ଥିତ ଅଛି । ସେହି ବିଶ୍ୱାସ ଦିବ୍ୟ ପୁରୁଷଙ୍କ ସଙ୍ଗତି, ଦିବ୍ୟ ପୁରୁଷମାନଙ୍କ ଜୀବନୀ ଓ ଅନୁଭୂତି ପାଠ ଏବଂ ନିଜସ୍ୱ ଅନୁଭୂତି ଦ୍ୱାରା ହିଁ ଧୀରେ ଧୀରେ ଆସିପାରେ । ନାମ ସଂକୀର୍ତ୍ତନ ଖୁବ୍ ଶୀଘ୍ର ବିଶ୍ୱାସ ବଢ଼ାଏ । ଆରମ୍ଭରେ ଧରାବନ୍ଧା ରୁଟିନ ଭାବରେ ନାମ କୀର୍ତ୍ତନ କରିବାକୁ ହେବ । ପରେ ସ୍ୱାଦ ଆମକୁ ଅଭ୍ୟାସରେ ପକାଇଦେବ; କୀର୍ତ୍ତନ ଅବ୍ୟର୍ଥ ଆନନ୍ଦ ପ୍ରଦାନ କରିବ । ଆମେ ହୃଦ୍‌କମଳ ବିଷୟରେ କହୁ । କାହିଁକି ? କାରଣ ପଦ୍ମ ଜଳ ଭିତରେ ଓ ଜଳରୁ ବଢ଼େ ଏବଂ ସୂର୍ଯ୍ୟ କିରଣରେ ପ୍ରସ୍ଫୁଟିତ ହୁଏ । ହୃଦୟ ମଧ୍ୟ ଭକ୍ତିରୁ ପୁଷ୍ଟିସାର ଗ୍ରହଣ କରେ ଓ ଜ୍ଞାନ ବଳରେ ପ୍ରସ୍ଫୁଟିତ ହୁଏ । ସଦାସର୍ବଦା ଭଗବାନଙ୍କ ଦିବ୍ୟ ନାମ ସ୍ମରଣ କରିବା। ଭଗବାନଙ୍କର ଅଧିକାଂଶ ନାମ ଦୁଇ ଅକ୍ଷର ବିଶିଷ୍ଟ । ଦୁଇ ସଂଖ୍ୟାର ତାତ୍ପର୍ଯ୍ୟ ହେଉଛି ଯେ ପ୍ରଥମ ଅକ୍ଷରଟି ଅଗ୍ନିର ପ୍ରତୀକ, ଯାହା ସଞ୍ଚିତ ପାପକୁ ପୋଡ଼ି ପକାଏ ଏବଂ ଦ୍ୱିତୀୟଟି ପୁନରୁଦ୍ଧାରକାରୀ, ସତେଜ, ସଂସ୍କାର ଶକ୍ତି ଅମୃତ ତତ୍ତ୍ୱର ପ୍ରତୀକ । ଦୁଇଟିଯାକ ପ୍ରକ୍ରିୟା ଆବଶ୍ୟକ, ପ୍ରତିବନ୍ଧକ ଦୂରୀକରଣ ଓ ସଂରଚନା ନିର୍ମାଣ ।'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ସମଗ୍ର ବିଶ୍ୱର ସ୍ରଷ୍ଟା ଓ ପାଳକ ବୋଲି ସେ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ। ତା ସହିତ ନିଜ ମାନବ ସ୍ୱଭାବର ଅପୂର୍ଣ୍ଣତା କଥା ମଧ୍ୟ ସ୍ୱୀକାର କରିବାକୁ କୁଣ୍ଠିତ ହୋଇ ନଥିଲେ। ସାଇଶକ୍ତି ଓ ସାଇଜ୍ଞାନ ଅମାପ ବୋଲି କହିସାରି ସେ ପ୍ରକାଶ କରିଥିଲେ, 'ମଣିଷ ଶରୀର ଗ୍ରହଣ କରିଥିବାରୁ ଏହି ଶରୀର ଅପୂର୍ଣ୍ଣତା ଓ ସ୍ୱଭାବ ଗ୍ରହଣ କରିବାର ଶୁଳ୍କ (ଟ୍ୟାକ୍ସ) ମୋତେ ଦେବାକୁ ପଡୁଛି। ଆହୁରି ଅଧିକ ସ୍ୱଷ୍ଟ ଭାବରେ ସେ କହିଥିଲେ, ସମଗ୍ର ବାହ୍ୟବସ୍ତୁ ଦେଶ ଓ କାଳର ଅଧିନ, ପ୍ରକୃତି ନିୟମର ଅଧୀନ। ମୋର ବାହ୍ୟ ସ୍ୱରୂପ ମଧ୍ୟ ସେଥିରୁ ମୁକ୍ତ ନୁହେଁ।'

ଅବତାର ମଣିଷ ସ୍ତରକୁ ଓହ୍ଲାଇ ଆସିଲେ ଯାଇ ତାଙ୍କ ସହ ମଣିଷମାନଙ୍କର ଆତ୍ମୀୟତା ପ୍ରତିଷ୍ଠା କରିବା ସମ୍ଭବ। ଏହା ସତ୍ତ୍ୱେ ତାଙ୍କ ଅବତରଣ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଉପକୃତ ହେବାପାଇଁ ଅର୍ଥାତ୍ ତାଙ୍କ ଦିବ୍ୟ ସ୍ୱଭାବ ବ୍ରହ୍ମଚେତନା ସହିତ ଏକାତ୍ମତା ଲାଭ କରିବା ପାଇଁ, ଆମକୁ ତାଙ୍କର ବାହ୍ୟରୂପକୁ ମଧ୍ୟ ଅତିକ୍ରମ କରିଯିବାକୁ ପଡ଼ିବ। ଯେତେବେଳେ ମଣିଷ ଅନ୍ତର୍ମୁଖୀ ହେବ, ସେତେବେଳେ ସେ ଅବତାର ପୁରୁଷଙ୍କର ପ୍ରକୃତି ଦୈବ ସ୍ୱଭାବ ଉପଲବ୍ଧି କରି ଜୀବନକୁ ପୂର୍ଣ୍ଣ କରିବ। ଏହି ପରିପ୍ରେକ୍ଷୀରେ ଭଗବାନ କୃଷ୍ଣ ଉଦ୍ଧବକୁ ବଦ୍ରିକା ଆଶ୍ରମକୁ ଯାଇ ତପସ୍ୟା କରିବା ପାଇଁ ପ୍ରବର୍ତ୍ତାଇଥିଲେ। ଭଗବାନ ବାବା ଏ ବିଷୟରେ କହନ୍ତି, 'ବାହ୍ୟ ଦର୍ଶନ ପୂର୍ଣ୍ଣ ଦର୍ଶନ ନୁହେଁ ବରଂ ଏହା ଏପରି ହେବା କଥା, ତାହାହେଲେ ଯାଇ ମଣିଷ ଅନ୍ତର୍ଗତ ଦର୍ଶନ ଚାହିଁବ, ଯାହା ଚିରନ୍ତନ ଯେଉଁମାନେ ଜ୍ଞାନମାର୍ଗରେ ତୃପ୍ତିଲାଭ କରନ୍ତି, ସେମାନଙ୍କ ପାଇଁ ଭଗବାନ ବାବାଙ୍କର ଏହି ଉକ୍ତି ଅଟେ।

କିନ୍ତୁ ଯେଉଁମାନେ ନିର୍ମଳ ଭକ୍ତିରେ ଆନନ୍ଦ ପାଆନ୍ତି, ଅବତାରଙ୍କ ଠାରେ ଅପୂର୍ଣ୍ଣତା ଦେଖିଲେ ମଧ୍ୟ ସେମାନଙ୍କ ଭକ୍ତିରେ ଭଟ୍ଟା ପଡ଼େ ନାହିଁ, ସେମାନେ ପ୍ରଶ୍ନ କରନ୍ତି ନାହିଁ, ସେମାନେ ସମ୍ପୂର୍ଣ୍ଣ ଭାବରେ ତାଙ୍କୁ ଗ୍ରହଣ କରିନିଅନ୍ତି। ସାଧାରଣ ଭାବରେ କହିଲେ ଅବତାର ଚାହାନ୍ତି ସାଧକ ଯେଉଁ ମାର୍ଗରେ ଗଲେ ବି, ପୂର୍ଣ୍ଣ ବ୍ରହ୍ମଚେତନାରେ ମଗ୍ନ ହୋଇଯିବାର ଅନ୍ତିମ ଲକ୍ଷ୍ୟ ଠାରେ ପହଞ୍ଚିବା ଦରକାର। ଉପରୋକ୍ତ କଥାରୁ ଆମେ ଏଇ ସିଦ୍ଧାନ୍ତ କରିବା ଯେ, ସତ୍ୟସାଇ ବାବାଙ୍କ ଠାରେ ମନୁଷ୍ୟ ସ୍ୱଭାବର ଅପୂର୍ଣ୍ଣତା କିଛି କିଛି ଦେଖାଯାଉଥିଲେ ମଧ୍ୟ ତାଙ୍କୁ ଅବତାର ନୁହଁନ୍ତି ବୋଲି ଆମେ କହିପାରିବା ନାହିଁ। ଶ୍ରୀରାମ ନିଜେ ବନବାସ ସମୟରେ ସୀତାଙ୍କୁ ହରାଇ ମଣିଷ ପରି କାନ୍ଦୁଥିଲେ କାହିଁକି ? କୃଷ୍ଣଙ୍କର ଜଣେ ଅତି ଅନ୍ତରଙ୍ଗ ଭକ୍ତ ଉଦ୍ଧବ କାଳଜବନ / ଜରାସନ୍ଧ ଆସିବା କଥା ଶୁଣି ଯେପରି ଭୟରେ ମଥୁରାରୁ ପଳାଇ ଯାଇଥିଲେ ସେଥିପ୍ରତି ବିସ୍ମୟ ପ୍ରକାଶ କରିଛନ୍ତି। ଯୀଶୁ କ୍ଷମା ଓ ଉଦାରତାର ମୂର୍ତ୍ତି ହେଲେ ମଧ୍ୟ ଜେରୁଜେଲମ ମନ୍ଦିର ଭିତରେ କ୍ରୋଧରେ ବ୍ୟବସାୟୀ ମାନଙ୍କୁ ପିଟି ପକାଇଲେ କାହିଁକି ?



ଶ୍ରୀ କିଶୋର କୁମାର ଜେନା

ପୁତୁରା ରାମଲାଲ ମୃତ୍ୟୁରେ, ଶ୍ରୀରାମ-କୃଷ୍ଣ ପିଲାପରି କାନ୍ଦୁଥିଲେ କାହିଁକି ? ଶ୍ରୀରାମକୃଷ୍ଣଙ୍କ ଭାଷାରେ ଖାଦ ମିଶା ଅଳଙ୍କାର, ସୁନାର ଅବମାନନା ନୁହେଁ।

ଅବତାର ମାନଙ୍କର ଜୀବନ କାହାଣୀ ଅଧ୍ୟୟନ କଲେ, ଆମେ ଦେଖିବା ସେମାନଙ୍କ ଠାରେ ଦୁଇଟି ଗୁଣ ସର୍ବଦା ଅମିଶ୍ର ଭାବରେ ବିଦ୍ୟମାନ। ତାହାହେଲେ ଧର୍ମରକ୍ଷଣ ଓ ଭକ୍ତ ରକ୍ଷଣ। ଅବଶ୍ୟ ଏହା ସତ୍ୟ ଯେ, ଧର୍ମ ସଂରକ୍ଷଣ ଅବତାରଙ୍କର ଦାୟିତ୍ୱ ହୋଇଥିବାରୁ, ସେ କେବେହେଲେ ଧର୍ମ ମାର୍ଗରୁ ବିଚ୍ୟୁତ ହୋଇପାରିବେ ନାହିଁ ଏବଂ ଭକ୍ତ ସଂରକ୍ଷଣ ତାଙ୍କର କର୍ତ୍ତବ୍ୟ ଥିବାରୁ ସେ ଏଥିପାଇଁ ଆବଶ୍ୟକ ପଡ଼ିଲେ ଦେବଶକ୍ତି ପ୍ରୟୋଗ ନକରି ରହିପାରିବେ ନାହିଁ। ତେଣୁ ଶ୍ରୀ ସତ୍ୟସାଇ ଯେ ଅବତାର ତାର ଅବିସମ୍ବାଦିତ ପ୍ରମାଣ ହେଲା – ତାଙ୍କର ଶକ୍ତି, ଯାହା ବଳରେ ସେ ସାରା ସଂସାରରେ ଲକ୍ଷ ଲକ୍ଷ ଧର୍ମଚ୍ୟୁତ ବ୍ୟକ୍ତିଙ୍କୁ ଧର୍ମ ମାର୍ଗରେ ଆସିବା ପାଇଁ ଆକୃଷ୍ଟ କରିଛନ୍ତି ଏବଂ ସାରା ପୃଥିବୀରେ ତାଙ୍କର ଭକ୍ତମାନଙ୍କୁ ପାର୍ଥିବ ଏବଂ ଅପାର୍ଥିବ ଉଭୟ ସ୍ତରରେ ଅକୁଣ୍ଠିତ ଅନୁଗ୍ରହ ପ୍ରଦାନ କରିଛନ୍ତି। ସଂସାରରେ ଚାରିଆଡ଼େ ଅଧର୍ମ ରାକ୍ଷସ ରାଜୁତି କରୁଥିଲାବେଳେ, ସେ ଲକ୍ଷ ଲକ୍ଷ ଲୋକଙ୍କୁ ଧର୍ମମାର୍ଗକୁ ଟାଣିଆଣି ପାରିଛନ୍ତି; ଏହା କେଉଁ ଶକ୍ତି ବଳରେ ସମ୍ଭବ ?ଏଠାରେ ଆମ ମନରେ ଗୋଟିଏ ସଂଶୟ ଆସିପାରେ, ତାହାହେଲା ଅବତାର ଠାରେ ଯଦି ମାନବିକ ଗୁଣମାନ ଅଛି, ତେବେ ଆମେ କିପରି ବିଶ୍ୱାସ କରିବା ଯେ, ସେ ଆମର ବିପଦ ସମୟରେ ଡାକରା ଶୁଣିବେ; ଆଉ ଆମକୁ ସେଥିରୁ ଉଦ୍ଧାର କରିବେ। ପ୍ରକୃତରେ ଆମେ ଅବତାରଙ୍କର ମାନବକ ଗୁଣ ବୋଲି ଯାହା କହୁ, ତାହା ଅବତାର ପୁରୁଷଙ୍କର ସ୍ଥୂଳ ଶରୀରରେ ଦେଖାଦେଇପାରେ, ମାତ୍ର ସୂକ୍ଷ୍ମ ଶରୀର ସର୍ବଦା ପୂର୍ଣ୍ଣ ଏବଂ ଅସୀମ। ତେଣୁ ଆମେ ଆମର ଆସନ୍ନ ଦୁର୍ଗତି ସମ୍ବନ୍ଧରେ ଅବହିତ ନଥିଲେ ବି, ଅବତାର ପୁରୁଷଙ୍କର ସୂକ୍ଷ୍ମ ଶରୀର ସେଥିରୁ ଆମକୁ ଉଦ୍ଧାର କରନ୍ତି। ତାଙ୍କ ସର୍ବ ଶକ୍ତିମାନ ଅନୁଗ୍ରହଙ୍କୁ କୌଣସି ମାନବୀୟ ଗୁଣ ପ୍ରଭାବିତ ବା କ୍ଷୁର୍ଣ୍ଣ କରିପାରିନାହିଁ। ସ୍ଥୂଳସାଇ ଦେଶ ଓ କାଳର ଅଧୀନ ହୋଇଥିବାରୁ କେତେକ ଭକ୍ତଙ୍କୁସେ ଉପେକ୍ଷା କଲାପରି ଜଣାପଡ଼ି ପାରନ୍ତି, ମାତ୍ର ସୂକ୍ଷ୍ମସାଇ ଦେଶ କାଳାତୀତ ହୋଇଥିବାରୁ ପାଞ୍ଚୋଟି ଯାକ ମହାଦେଶରେ ବ୍ୟାପ୍ତ ତାଙ୍କର କୋଟି କୋଟି ପିଲାଙ୍କ ଯତ୍ନ ନେବାରେ ସେ ସର୍ବଦା ତତ୍ପର। ସ୍ଥୂଳସାଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲି ଚାଲି କିମ୍ବା କାରରେ କିମ୍ବା ବିମାନରେ ଯାଆନ୍ତି; ମାତ୍ର ସୂକ୍ଷ୍ମସାଇ ମୁହୂର୍ତ୍ତକ ମଧ୍ୟରେ ହଜାର ହଜାର ତଥା ଲକ୍ଷ ଲକ୍ଷ ମାଇଲ ଦୂରରେ ଏକାଧିକ ସ୍ଥାନରେ ଗୋଟିଏ ସମୟରେ ପହଞ୍ଚି ଯାଇପାରନ୍ତି। ସ୍ଥୂଳସାଇ ଅନ୍ୟ ଭାଷାରେ ଭକ୍ତଙ୍କ ସହିତ କଥା ହେବାପାଇଁ ହୁଏତ ଜଣେ ଦୋଭାଷୀ ଦରକାର କରନ୍ତି; ମାତ୍ର ସୂକ୍ଷ୍ମସାଇ ଭକ୍ତମାନଙ୍କ ସହ ସେମାନଙ୍କ ଭାଷାରେ ହିଁ କଥାବାର୍ତ୍ତା କରନ୍ତି। ଭକ୍ତମାନେ ଯେଉଁ ଭାଷାରେ ପ୍ରାର୍ଥନା କଲେ ମଧ୍ୟ, ସୂକ୍ଷ୍ମସାଇ ତାର ଉତ୍ତର ଦିଅନ୍ତି। ଭଗବାନଙ୍କର ଅନୁଗ୍ରହର ସର୍ବୋଚ୍ଚ ନିଦର୍ଶନ ହେଲା ଆମକୁ ଭ୍ରମରୁ ମୁକ୍ତ କରି ବ୍ରହ୍ମଦର୍ଶନ କରାଇବା। ସେଥିପାଇଁ ସେ ଅବତରି ଆସନ୍ତି, ଆଉ ଆମକୁ ତାଙ୍କ ଅହେତୁକ ପ୍ରେମରେ ଆପଣାର କରନ୍ତି। ଶାସ୍ତ୍ର ମତରେ ପୂର୍ଣ୍ଣବତାର ଷୋଳକଳା ବିଶିଷ୍ଟ। ଏଥିରୁ ଅବତାରଙ୍କର ପାଞ୍ଚୋଟି ଇନ୍ଦ୍ରିୟ ଦର୍ଶନ, ଶ୍ରବଣ, ଆଘ୍ରାଣ, ଆସ୍ୱାଦନ ଏବଂ ସ୍ପର୍ଶ ସହିତ ମନ, ବୁଦ୍ଧି, ଚିତ୍ତ ଏବଂ ଅହଂକାର – ଏହି ଚାରୋଟି ଅନ୍ତଃକରଣ ସାଧାରଣ ମଣିଷ ସହିତ ସମାନ ହୋଇପାରେ। ଏହା ବ୍ୟତୀତ ତାଙ୍କର ସାତୋଟି କଳା ହେଲା – କର୍ମଫଳ ପ୍ରଦାନ, କର୍ମଫଳ ନିବାରଣ, ଧର୍ମ ସଂସ୍ଥାପନ, ଶିଷ୍ଟ ପାଳନ, ଦୁଷ୍ଟ ନିବାରଣ, ନାମ ସ୍ମରଣ ମାଧ୍ୟମରେ ପରମ ଶାନ୍ତି ପ୍ରଦାନ ଏବଂ ଅତ୍ୟନ୍ତ ସୁଦର୍ଶନ ଶରୀରରେ ଐଶ୍ୱରିକ ରୂପ ଦର୍ଶନ। ତେଣୁ ଅବତାରଙ୍କ ଠାରେ ମଣିଷ ସୁଲଭ ଗୁଣ ଦେଖାଯିବା ସ୍ୱାଭାବିକ।

ଦଶ ଅବତାର ଧାରଣାଟି ଜନ୍ମ ନେଇଛି ଷଷ୍ଠ ଶତାବ୍ଦୀରେ। ତା' ପୂର୍ବରୁ କୌଣସି ଶାସ୍ତ୍ରରେ ଦଶ ଜଣ ଅବତାର ବୋଲି କୁହାଯାଇନାହିଁ। କିନ୍ତୁ ବିଷ୍ଣୁପୁରାଣ ଏବଂ ଭାଗବତରେ ବିଷ୍ଣୁଙ୍କର ଚବିଶ ଅବତାର କଥା କୁହାଯାଇଛି। ଭଗବପତ ଗୀତା ଏବଂ ଦୁର୍ଗା ସପ୍ତସତୀ ଚଣ୍ଡୀରେ ଏପରି କୌଣସି ସଂଖ୍ୟାର ଉଲ୍ଲେଖ ନାହିଁ। ଉଭୟ ଗ୍ରନ୍ଥ ଅନୁଯାୟୀ ଯେତେବେଳେ ଧର୍ମର ଗ୍ଲାନି ଘଟେ ଏବଂ ଅଧର୍ମର ଶକ୍ତି ବଢ଼େ, ସେ ଆସନ୍ତି। ଏଥିରେ କୌଣସି ନିର୍ଦ୍ଦିଷ୍ଟ ସମୟ କିମ୍ବା ନିର୍ଦ୍ଦିଷ୍ଟ ସଂଖ୍ୟାର ଉଲ୍ଲେଖ ନାହିଁ। ଅବତାର ତତ୍ତ୍ୱକୁ କଥାରେ ପ୍ରମାଣ କରିବା ସମ୍ଭବ ନୁହେଁ। ବାଲ୍ୟକାଳରୁ ଭଗବାନ ଶ୍ରୀ ସତ୍ୟସାଇ ଅଗଣନ ବିବିଧ ଅଲୌକିକତା ପ୍ରକାଶ କରି ଆସିଛନ୍ତି ଅଖଣ୍ଡ ଭାବରେ। ଭକ୍ତମାନଙ୍କ ଉଦ୍ଧାରକ ଓ ବିପଦଭଞ୍ଜକ ପ୍ରଭୁ ଭାବରେ, ଅସାଧ୍ୟ ବ୍ୟାଧିର ବୈଦ୍ୟ ଭାବରେ, ମୃତ୍ୟୁ ପରେ ଭକ୍ତଙ୍କୁ ପରମପଦ ପ୍ରଦାତା ଭାବରେ, ମାତୃ ସୁଲଭ ସ୍ନେହର ଅସରନ୍ତି ଭଣ୍ଡାର ଭାବରେ, ଦେଶ ଦେଶରେ ଅଧିକରୁ ଅଧିକ ଦୈବଶକ୍ତିର ପ୍ରକାଶକ ଭାବରେ ଏବଂ ଧର୍ମ, ଆଧ୍ୟାତ୍ମିକ ଜୀବନ, ତ୍ୟାଗ, ସେବା, ପ୍ରେମ ଆଦିର ପରିପୋଷକ ଭାବରେ ତଥା ବିନା ସାଧନାରେ, ବିନା ଆୟାସରେ ଏ ସମସ୍ତ ଅବଲୀଳାକ୍ରମ ସାଧନ କରିବାରେ ଭଗବାନ ସତ୍ୟସାଇ କେବଳ ନିଜ ସହିତ ନିଜେ ତୁଳନୀୟ। ତାଙ୍କ ଭାଷାରେ 'ମୋର ସ୍ୱତନ୍ତ୍ର ସଙ୍କେତ ହେଲା – ମୋର ପ୍ରେମ। ସଂକଳ୍ପ ବଳରେ ବିଭିନ୍ନ ପଦାର୍ଥ ସୃଷ୍ଟି କିମ୍ବା ସ୍ୱାସ୍ଥ୍ୟ ଓ ସୁଖ ବିଧାନ କରିବା ନୁହେଁ। ଆମେ ଭାବିପାରୁ ତାଙ୍କର ଚମତ୍କାରିତା ଦୈବତ୍ୱର ପ୍ରତ୍ୟକ୍ଷ ସଙ୍କେତ; ମାତ୍ର ତାହା ଠିକ ନୁହେଁ। ତାଙ୍କର ପ୍ରେମ ହିଁ ତାଙ୍କର ଦୈବତ୍ୱର ସଙ୍କେତ; ଯାହାକି ଲକ୍ଷ ଲକ୍ଷ ଭକ୍ତଙ୍କୁ ତାଙ୍କ ପାଖକୁ ଟାଣିଆଣେ ଏବଂ ତାଙ୍କର କଲ୍ୟାଣ ସାଧନ କରେ। ଦେଶବିଦେଶରେ ଥିବା ସାଧକ, ଦୁଃଖୀ ଓ ଦୁର୍ଗତ ଲୋକଙ୍କ ପାଖକୁ ଘେନିଯାଏ – ଏହା ହିଁ ତାଙ୍କର ଦୈବତ୍ୱର ପ୍ରତ୍ୟକ୍ଷ ସଙ୍କେତ। ସେହି ପ୍ରେମ ହିଁ ଘୋଷଣା କରେ ଯେ, ସେ 'ସାଇବାବା'। ତାଙ୍କରି ଭାଷାରେ – 'ପ୍ରେମ ମୋର ବ୍ରତ, ପ୍ରେମ ମୋର କର୍ମ, ଏବଂ ପ୍ରେମ ମୋର ଜୀବନ'।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୭୩୭୭୪୩୯୦୭୭*

# ସଞ୍ଚୟର ସହଜ ସୂତ୍ର

କହନ୍ତି ଚାକିରି କଲେ ଦାୟିତ୍ୱ ବଢ଼େ। ଆପଣ ଚାକିରି ବା ବ୍ୟବସାୟ କରନ୍ତି ଟଙ୍କା ରୋଜଗାର ପାଇଁ। ସେଇ ରୋଜଗାର ଟଙ୍କାରୁ କିଛି ବଳିଗଲେ ତାକୁ ସଞ୍ଚୟ କରନ୍ତି। ହେଲେ ଅଧିକାଂଶ ସମୟରେ ଆପଣ ଯେତିକି ରୋଜଗାର କରନ୍ତି ତାହା ଅଣ୍ଟେ ନାହିଁ କିମ୍ବା ସଞ୍ଚୟ ମଧ୍ୟ କରିପାରନ୍ତି ନାହିଁ। ମୂଳକଥା ହେଲା ନିଜର ଏକ ବଜେଟ ଯୋଜନା କରିବା। ଏଥିପାଇଁ ଅନେକ ସୂତ୍ର ରହିଛି। ହେଲେ ସେସବୁ ମଧ୍ୟରୁ ସବୁଠୁ ଲୋକପ୍ରିୟ ହେଉଛି ୫୦-୩୦-୨୦ ଫର୍ମୁଲା।

୫୦-୩୦-୨୦ ଫର୍ମୁଲା କ'ଣ? : ଏହି ଫର୍ମୁଲାଟି ଅର୍ଥନୀତି ପରାମର୍ଶଦାତାଙ୍କ ପାଇଁ ସବୁଠୁ ଗ୍ରହଣୀୟ ସୂତ୍ର। ଏହି ସୂତ୍ରରେ ଆପଣ ଆପଣଙ୍କ ଦରମାକୁ ତିନିଭାଗରେ ବିଭକ୍ତ କରନ୍ତୁ। ଏଥିରେ ୫୦ ପ୍ରତିଶତ ଖର୍ଚ୍ଚ, ୩୦ ପ୍ରତିଶତ ଆବଶ୍ୟକତା ଓ ୨୦ ପ୍ରତିଶତ ସଞ୍ଚୟ ଅନ୍ତର୍ଭୁକ୍ତ। ଏହି ଫର୍ମୁଲା ସଞ୍ଚୟ ସହିତ ଖର୍ଚ୍ଚ ପରିଚାଳନା ଓ ଆର୍ଥିକ ଲାଭ ହାସଲ କରିବାରେ ସାହାଯ୍ୟ କରେ।

ଏହି ସୂତ୍ର କିପରି କାମ କରେ ? : ମନେ କରନ୍ତୁ ଆପଣ ଏକ ପ୍ରାଇଭେଟ କମ୍ପାନୀରେ ଚାକିରି କରୁଛନ୍ତି ଏବଂ ମାସିକ ୫୦ ହଜାର ଟଙ୍କା ରୋଜଗାର କରୁଛନ୍ତି। ଏଥିରୁ ଆପଣ ପ୍ରତି ମାସରେ ବାପାମାଆଙ୍କୁ ୧୦ ହଜାର ଟଙ୍କା ପଠାନ୍ତି ତେବେ ଏହି ସୂତ୍ର ଅନୁସାରେ ଆପଣ ଖର୍ଚ୍ଚ ଓ ଆବଶ୍ୟକତା ଅନୁସାରେ ସଞ୍ଚୟ କରିବେ କିପରି ? ୧୦ ହଜାର ଟଙ୍କା ପରିବାରକୁ ପଠାଇଲା ପରେ ଆପଣଙ୍କ ପାଖରେ ବଞ୍ଚିଛି ୪୦ ହଜାର ଟଙ୍କା। ଏହାର ୫୦ ପ୍ରତିଶତ ଅର୍ଥାତ୍ ୨୦ ହଜାର ଟଙ୍କା ଆପଣ ଘରଭଡ଼ା, ଖାଦ୍ୟ, ବିଜୁଳି ବିଲ ଇତ୍ୟାଦିରେ ଖର୍ଚ୍ଚ କରନ୍ତୁ। ଏବେ ବାକି ୫୦ ପ୍ରତିଶତ ଦରମାକୁ ଦୁଇ ଭାଗରେ ବାଣ୍ଟନ୍ତୁ। ବାକି ଥିବା ଦରମାର ୩୦%, ଅର୍ଥାତ ୧୨ ହଜାର ଟଙ୍କା ଆପଣଙ୍କ ଆବଶ୍ୟକତା ପାଇଁ ଯଥା ଜିମ କିମ୍ବା କୌଣସି କର୍ମଶାଳା ଇତ୍ୟାଦିରେ ଖର୍ଚ୍ଚ କରନ୍ତୁ। ଆପଣ ଏଥିରୁ ମଧ୍ୟ କିଛି ପରିମାଣ ସଞ୍ଚୟ କରିବାକୁ ଚେଷ୍ଟା କରିବା ଉଚିତ, ଯାହା ଆପଣଙ୍କୁ ଟ୍ରାଭେଲ ଟ୍ରିପ କିମ୍ବା ବ୍ରାଣ୍ଡେଡ ପୋଷାକ ବା ସ୍ମାର୍ଟଫୋନ କିଣିବା ଆଦି ଛୋଟ ଛୋଟ ଲକ୍ଷ୍ୟ ପୂରଣ କରିବାରେ ସାହାଯ୍ୟ କରିବ। ଏବେ ବାକି ୨୦% ଅର୍ଥାତ୍ ୮ ହଜାର ଟଙ୍କା ସଞ୍ଚୟ କରନ୍ତୁ। ସଞ୍ଚୟ ସହିତ ଆପଣ ପ୍ରତି ମାସରେ ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ଏକ ଜରୁରୀକାଳୀନ ପାଣ୍ଠିରେ କିଛି ପରିମାଣ ରଖିବା ଜରୁରୀ। ତାଛଡ଼ା ଆପଣ କିଛି ଟଙ୍କା ନିବେଶ କରିବା ଉଚିତ। ଏଥିରେ ଆପଣଙ୍କୁ ରିଟର୍ଣ୍ଣ ମିଳିବ ଏବଂ ଏହା ଆପଣଙ୍କ ସଞ୍ଚୟ ବୃଦ୍ଧି କରିବ। ଏହା ସହିତ ମେଡ଼ିକାଲ ଏମର୍ଜେନ୍ସି ପାଇଁ ମଧ୍ୟ କିଛି ଟଙ୍କା ରଖିବା ଆବଶ୍ୟକ। ଏପରି କଲେ ଆପଣ ୫୦-୩୦-୨୦ ଫର୍ମୁଲା ସାହାଯ୍ୟରେ ଆପଣଙ୍କର ଖର୍ଚ୍ଚ ଓ ଆବଶ୍ୟକତା ଅନୁସାରେ ସଞ୍ଚୟ କରିପାରିବେ। କଥାରେ ଅଛି ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି। ଭଗବାନ ଶ୍ରୀସତ୍ୟସାଇଙ୍କ ବାଣୀରେ 'କାମନାର ସୀମାଙ୍କନ' ଏକ ସମ୍ଭାଷଣ ଅଛି। ଜଣେ ଚାହିଁଲେ ନିଜର ଅନ୍ତହୀନ କାମନା ଉପରେ ଲଗାମ ଲଗାଇପାରିବ ଯାହାକି ତାଙ୍କୁ ସଞ୍ଚୟର ଏକ ରାସ୍ତା ଦେଖାଇପାରିବ। ବର୍ତ୍ତମାନର ସମୟରେ ସବୁଠି ଦରଦାମ ବଢୁଛି। ଅନେକ କୁହନ୍ତି ସେପରି ଆୟ କିନ୍ତୁ ବଢୁନାହିଁ ତେଣୁ ଏପରି କ୍ଷେତ୍ରରେ ସଞ୍ଚୟ କରିବା ଯେ କଷ୍ଟକର ତାହା ନୁହଁ ବରଂ ସଞ୍ଚୟ ପାଇଁ ଏକ ସୁଅଭ୍ୟାସ ରଖିପାରିଲେ ଉପରୋକ୍ତ ପରାମର୍ଶ ଗୁଡ଼ିକ ଆପଣଙ୍କୁ ସଞ୍ଚୟ ପାଇଁ ଏକ ଭଲ ରାସ୍ତା ଦେଖାଇବ ନିଶ୍ଚୟ।



ଡକ୍ଟର ତପନ କୁମାର ପାଳ

ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩



# ମୋ ଗାଁ

## ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ,ଟାଉନ ଫରେଷ୍ଟର ଭୂପତି ସେଠୀ,ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ। ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା। ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି। ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ। ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି। ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ। ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି। ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ,ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି। ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି,ପଥର,ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି। ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି।

## ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର,ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଊର୍ଦ୍ଧ୍ୱ ହେବ ରହିଛନ୍ତି। ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି। ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨,ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯,ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି। ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି। ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି। ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି। ସଂପୃକ୍ତ ସଭାପତି ଭୁବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତି କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି, ତାରକେଶ୍ୱର ତ୍ରିପାଠୀ,ପ୍ରମୋଦ କୁମାର ସାହୁ,ଚିତରଞ୍ଜନ ବାରିକ,ନିରଞ୍ଜନ ପଣ୍ଡା,ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧରଣା





ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଲଦା ଗ୍ରାମପଞ୍ଚାୟତର ସିଲ୍‌ଯୋଡା ସ୍ଥିତ କାସଭି ଇନ୍‌ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନ ରେ ଖଣି ଲିଜ ପରିସରରେ ଧାରଣା ଦେଇଥିବା ଜଣାପଡିଛି। ବିର୍ସାମୁଣ୍ଡା ଲେବର କନ୍‌ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି। ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି। ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଳିମାଟି ଅଧୀନରେ ଥିଲା। ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯୋଗ୍ୟତା ଥାଇ ମଧ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ ଦିଆଯାଉନାହିଁ। ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା। ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେ' ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି। ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଳିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି। ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି। ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବର୍ତ୍ତମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପଞ୍ଚାୟତ ନାମରେ ହୋଇଅଛି। ହେଲେ ଏହି ଦୁଇଟି ପଞ୍ଚାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ। ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି। ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବଞ୍ଚିତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ। ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ।

## ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି। ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲ୍‌ରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ। ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା। ଏହା ପରେ ରୋଷେଇ ଗ୍ୟାସ ଦୂର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା। ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲ୍‌ରେ ସାମିଲ ହୋଇଥିଲେ। ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଟ କମାଣ୍ଡର ଗୌରବ ଜଗନାନୀ ମକ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଶେଷରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଅଜଣା ଗାଡି ଧକ୍କାରେ ଜଣେ ମୃତ, ୨ ଗୁରୁତର

ହରିଚନ୍ଦନପୁର(ପିଏନ)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା କାଳିଆପାଣି ଗ୍ରାମର ସୁଦର୍ଶନ ମହାକୁଡ(୩୮) ସ୍ତ୍ରୀ ଓ ୨ପିଲାଙ୍କ ସହ ମୟୁରଭଞ୍ଜ ଜିଲ୍ଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ। ଆଜି ନିଜ ଗ୍ରାମ କାଳିଆପାଣିକୁ ଫେରୁଥିବା ବେଳେ ହରିଚନ୍ଦନପୁର ଥାନା ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସୁଦର୍ଶନ ମହାକୁଡଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ସ୍ତ୍ରୀ ରାଇମଣି ମହାକୁଡ (୩୬), ସାନପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଥିବା ବେଳେ ବଡପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା

## ଦରଡିପାଳରେ ଶତାୟୁ ମହିଳାଙ୍କ ପରଲୋକ

ଘଷିପୁରା(ପିଏନ)- ଘଷିପୁରା ବ୍ଲକ ଦରଡିପାଳ ଗ୍ରାମରେ ସ୍ୱର୍ଗତ ନରସିହଂ ନାୟକଙ୍କ ଧର୍ମପତ୍ନୀ କ୍ଷେତ୍ରମଣୀ ନାୟକଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଆନନ୍ଦ ଚନ୍ଦ୍ର ନାୟକ ଅବସରପ୍ରାପ୍ତ କୃଷି ପରିଦର୍ଶକ ଏବଂ ଦିବାକର ନାୟକ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହିତ ସମସ୍ତ ନାତି ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ସାହିପଡିଶା ଉପସ୍ଥିତ ଥିବା ସହ ତାଙ୍କର ଶବ ସତ୍କାର କରାଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ।

## ଯୋଡା ପୌରାଞ୍ଚଳରେ ସେପ୍ଟେଜ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ




ଯୋଡା(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରାଞ୍ଚଳର ୬ନଂ ୱାର୍ଡ ବାଚୁହାଟିଂ ଠାରେ ପୌରପାଳିକା ପକ୍ଷରୁ ୨୦କେଏଲଡି କ୍ଷମତା ବିଶିଷ୍ଟ ଏକ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ ଯୋଡା ସହରର ସମସ୍ତ ଘରର ସେପ୍ଟି ଟ୍ୟାଙ୍କରୁ ନିଷ୍କାସିତ ମଇଳାକୁ ବିଶୋଧନ କରାଯାଇ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ନିମନ୍ତେ ପୌରପାଳିକା ପକ୍ଷରୁ ଏହା କରାଯାଇଛି। ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ,ରାଜ୍ୟ ଜଳଯୋଗାଣ ବିଭାଗ ଏବଂ ସ୍ୱରେଜ ବୋର୍ଡ ଆନୁକୂଲ୍ୟରେ ଓଡିଶା କନଷ୍ଟ୍ରକସନ କମ୍ପାନୀ (ଓସିସି)କୁ ଟେଣ୍ଡର ମାଧ୍ୟମରେ ୨ କୋଟି ୬୪ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ ଅଟକଳରେ ୧୧ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ହେବା ଦ୍ୱାରା ପୌରାଞ୍ଚଳର ସମସ୍ତ ୱାର୍ଡରେ ସେପ୍ଟି ଟାଙ୍କିର ମଇଳା ବିଶୋଧନ ହେବା ସହିତ ମାନ୍ୟବର ସର୍ବୋଚ୍ଚ ଅଦାଲତ ଓ ଜାତୀୟ ସବୁଜ ଟ୍ରିବ୍ୟୁନାଲଙ୍କ ଆଦେଶ ପାଳନ ହୋଇପାରିବ ବୋଲି ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ ପ୍ରକାଶ କରିଥିଲେ। ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଡା ପୌରପାଳିକାର ସମସ୍ତ ଅଧିକାରୀ,କର୍ମଚାରୀ,ସ୍ୱଚ୍ଛସାଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ



ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟ୍ଟଯୋଶୀ ସୂଚନା ଦେଇଛନ୍ତି। ଏହି ଜମି ଗୁଡିକ ୩୨୩ ବର୍ଗ'ଫୁଟରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧ୍ୟରେ ଯୋଗାଇ ଦିଆଯିବ। ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ।

## ରାଜ୍ୟ ସରକାରଙ୍କ ପୃଷ୍ଠପୋଷକତାରେ ଏକ ଭବ୍ୟ ମନ୍ଦିର ଗଢି ଉଠୁ

### *ପ୍ରବାସୀ ଶିଳ୍ପୀ ସମାବେଶରେ ଦାବି ଜଣାଇଲା ଓଡିଶା ଶିଳ୍ପୀ ମହାସଂଘ*

ଭୁବନେଶ୍ୱର,(ପି.ଏନ): ଆମ ରାଜ୍ୟର ପଥର କାରିଗରଙ୍କ ସହଯୋଗରେ ନୂଆଦିଲ୍ଲୀର ଅକ୍ଷରଧାମ ମନ୍ଦିରଠୁ ଆରମ୍ଭ କରି ଅଯୋଧ୍ୟାର ରାମ ମନ୍ଦିର ଯାଏଁ ଅନେକ ଭବ୍ୟ ମନ୍ଦିର ଗଢି ଉଠିଛି। ବିଦେଶରେ ଆମେରିକାର ନିଉଜର୍ସି ଓ ଦୁବାଇର ଆବୁଧାବିର ସ୍ୱାମୀ ନାରାୟଣ ମନ୍ଦିରରେ ଆମ ଓଡିଆ କାରିଗରଙ୍କ ସ୍ୱାକ୍ଷର ରହିଛି। ଏସବୁ ମନ୍ଦିର କେବଳ ଧାର୍ମିକ ପୂଜା ସ୍ଥଳୀ ଭାବେ ନୁହେଁ ସେ ସ୍ଥାନର ଆର୍ଥିକ ବିକାଶ ସହ ନିଯୁକ୍ତିର ଏକ ନୂଆ ରାସ୍ତା ଖୋଲି ଦେଇଛି। ବାହାର ରାଜ୍ୟରେ ନିଜର ପରାକାଷ୍ଠା ଦେଖାଇ ଆସିଥିବା ଆମ ପଥର ଶିଳ୍ପୀ ନିଜ ରାଜ୍ୟରେ ଏକ ଭବ୍ୟ ମନ୍ଦିର ଗଢିବାକୁ ଇଚ୍ଛୁକ ଅଛନ୍ତି। ରାଜ୍ୟ ସରକାର ସହଯୋଗର ହାତ ବଢାଇଲେ ଏହା ସମ୍ଭବ ହୋଇ ପାରନ୍ତା। ରାଜ୍ୟର ଅନ୍ୟାନ୍ୟ ପ୍ରସିଦ୍ଧ ମଠ ମନ୍ଦିର ଭଳି ପୁଣି ଏକ ହଜାର ବର୍ଷ ପାଇଁ ଏହି ଭବ୍ୟ ମନ୍ଦିର ଓଡିଆ କଳା କାରିଗରୀ ବୈଜୟନ୍ତି ବାନା ଉଡାଇ ପାରନ୍ତା ବୋଲି ଓଡିଶା ଶିଳ୍ପୀ ମହାସଂଘର ସଭାପତି ଉଦୟ ମହାନ୍ତି କହିଛନ୍ତି। ବାଲେଶ୍ୱର ଜିଲ୍ଲା କେଶରିପୁର ସ୍ଥିତ ସୋର ଷ୍ଟୋନ କ୍ଲଷ୍ଟର ପରିସରରେ ଆୟୋଜିତ ପ୍ରବାସୀ ଶିଳ୍ପୀ ସମାବେଶରେ ଏଭଳି ନିଆରା ଦାବୀ ଉଠାଇଛି ଓଡିଶା ଶିଳ୍ପୀ ମହାସଂଘ। ପଶ୍ଚିମବଂଗ ସରକାରଙ୍କ ପୃଷ୍ଠପୋଷକତାରେ ଦୀଘା ନିକଟରେ ଏକ ବିଶାଳ ଜଗନ୍ନାଥ ମନ୍ଦିର ଗଢି ଉଠୁଥିବାବେଳେ ଓଡିଶା ସରକାର ପଛରେ ରହିବା ଉଚିତ ନୁହେଁ। ଆମ ରାଜ୍ୟରେ ଓଡିଆ ପଥର ଶିଳ୍ପୀଙ୍କୁ ନେଇ ଏକ ବିଶାଳ ମନ୍ଦିର ଗଠନ ନିମନ୍ତେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହେବା ଉଚିତ। ଏଭଳି ଉଦ୍ୟମ ରାଜ୍ୟର ହଜାର ହଜାର ପଥରଶିଳ୍ପୀଙ୍କୁ ରାଜ୍ୟ ଛାଡି ବାହାରକୁ ଯିବାରେ ରୋକି ପାରନ୍ତା ବୋଲି ମହାସଂଘର ସଂପାଦକ ପ୍ରିୟରଂଜନ କର କହିଛନ୍ତି। ଆଜିର ଏହି ପ୍ରବାସୀ ଶିଳ୍ପୀ ସମାବେଶର ମୁଖ୍ୟ ଅତିଥୀ ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ପ୍ରଦୀପ ଜାଳି ଶୁଭାରମ୍ଭ କରିଥିଲେ। ପରେ ଫୁସଫୁସରେ ପଥର ଗୁଣ୍ଡ ଜମି ଅକାଳରେ ମୃତ୍ୟୁବରଣ କରିଥିବା ଦିଂବଗତ ପଥରଶିଳ୍ପୀଙ୍କ ଉଦେଶ୍ୟରେ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଥିଲା। ତତସହିତ ଦିଂବଗତ ଶିଳ୍ପୀଙ୍କ ପରିବାର ସଦସ୍ୟ ତଥା ଏବେବି ପଥରଗୁଣ୍ଡ ଜମି ଅସୁସ୍ଥ ହୋଇ ପଡିଥିବା ଶିଳ୍ପୀମାନଙ୍କ ସହ ଘରକୁ ଫେରିଥିବା ଅନେକ ପ୍ରବାସୀ ଶିଳ୍ପୀଙ୍କୁ ମଂଚ ଉପରେ ମହାସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା।



ମୃତ୍ୟୁବରଣ କରିଥିବା ପରିବାରକୁ ଆର୍ଥିକ ସହାୟତା ଓ ଅସୁସ୍ଥ ଶିଳ୍ପୀ ମାନଙ୍କ ପାଇଁ ଚିକିତ୍ସା ସହାୟତା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯୋଗାଇଦେବାକୁ ମହାସଂଘ ପକ୍ଷରୁ ଦାବୀ କରାଯାଇଥିଲା। ଏତଦବ୍ୟତୀ ରାଜ୍ୟ କାରିଗରଙ୍କ ପାଇଁ କଳାକାରଙ୍କ ଭଳି ମାସିକ ଆର୍ଥିକ ସହାୟତା ଓ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ନୂତନ ପରିଚାଳନା ବୋର୍ଡ ଯଥାଶିଘ୍ର ଗଠନ ପାଇଁ ମହାସଂଘ ଦାବୀ ଉଠାଇଥିଲା। ନିଜ ବକ୍ତବ୍ୟରେ ବିଧାୟକ ସନ୍ତୋଷ ଖଟୁଆ ମହାସଂଘର ଏତାଦୃଶ ଶିଳ୍ପୀ ସମାବେଶକୁ ପ୍ରଶଂସା କରିବା ସହ ନିଜ ଅଂଚଳର ପଥରଶିଳ୍ପୀ ସାରା ଭାରତ ବର୍ଷରେ ଅନନ୍ୟ ବୋଲି ପ୍ରକାଶ କରିଥିଲେ। କାରିଗରଙ୍କ ସାମାଜିକ ସୁରକ୍ଷା ସହ ପଥର ଅଭାବକୁ ନେଇ ଉପୁଜିଥିବା ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଶ୍ରୀ ଖଟୁଆ କହିଥିଲେ। ସମାବେଶର ଅନ୍ୟତମ ଅତିଥୀ ଭାବେ ସୋରର ପୂର୍ବତନ ବିଧାୟକ ପର୍ଶୁରାମ ଧଡା କାରିଗର ଏକତା ଉପରେ ଧ୍ୟାନ ଦେବା ସହ ଡିଜିଟାଲ ମେଡିଆର ସହଯୋଗରେ ନିଜ ବ୍ୟବସାୟ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ମହାସଂଘର ସଭାପତି ଉଦୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବେଶର ଅନ୍ୟ ସମ୍ମାନିତ ଅତିଥୀ ଭାବେ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ବ୍ରଜକିଶୋର ଜେନା, ବିଶିଷ୍ଟ ପଥର ଶିଳ୍ପୀ ଶଙ୍କର୍ଷଣ ସେଠୀ, ବାଲେଶ୍ୱର ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟର ସହ ନିର୍ଦ୍ଦେଶକ, କୁଅଁର ମାରାଣ୍ଡି, ଭାରତ ସରକାରଙ୍କ ଭୁବନେଶ୍ୱର ସ୍ଥିତ ହସ୍ତଶିଳ୍ପ ସେବାକେନ୍ଦ୍ରର ଡିଜାଇନର ରମାନୁଜନ ବୈରଗଂଜନ ପ୍ରମୁଖ ଉପସ୍ଥିତ ଥିଲେ। ସମାବେଶ ପ୍ରାରମ୍ଭରେ ଉପସ୍ଥିତ କାରିଗରଙ୍କୁ ବିତିୟ ପରିଚାଳନା ଓ ଡିଜିଟାଲ ମାର୍କେଟିଂ ସଂପର୍କରେ ମହାସଂଘ ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମାଭିନ ଡଟ କମର ପରିଚାଳନା ନିର୍ଦ୍ଦେଶିକା ସ୍ମରଣିକା ମହାପାତ୍ର ଉପସ୍ଥିତ କାରିଗରଙ୍କୁ ଡିଜିଟାଲ ମାର୍କେଟିଂ ସଂପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଶେଷରେ ମହାସଂଘର ବାଲେଶ୍ୱର ଜିଲ୍ଲା ଶାଖା ସଭାନେତ୍ରୀ ବାସନ୍ତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାବେଶର ସଫଳ ଆୟୋଜନ ପାଇଁ କାରିଗରଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ହେଭେନ କ୍ରାଫ୍ଟ ସହଯୋଗର ହାତ ବଢାଇଥିଲା। ସ୍ଥାନୀୟ ବଉଳଗଡିଆ, କେଶରିପୁର, ସନ୍ତରାଗଡିଆ, ମୁକୁନ୍ଦପୁର, କାଣ୍ଡଗରଡି, ପାଗାଡାଶୋଳ, ଈଶ୍ୱରପୁରରୁ ବହୁ ସଂଖ୍ୟାରେ ପଥର ଶିଳ୍ପୀ ଏହି ସମାବେଶରେ ଉପସ୍ଥିତ ଥିଲେ। ମଂଗଳେଶ୍ୱର ନାୟକ, ସହଦେବ ନାୟକ, ଗଂଗାଧର ସାମଲ, ନୀରାକାର ପାତ୍ର, ନରେନ୍ଦ୍ର ସାମଲ. ଦିନବନ୍ଧୁ ଖୁଂଟିଆ, ସରୋଜିନୀ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ପୂରାତନ ଆସ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଲିଠାରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ିର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆସ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୂରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି। କଲେଜଗୁଡ଼ିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ




ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ ି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ନିଖୋଜ ନାବାଳକର ଝୁଲନ୍ତା ମୃତ ଦେହ ଠାବ, ହତ୍ୟା ନା ଆତ୍ମହତ୍ୟା ଅସ୍ପଷ୍ଟ



ଭବାନୀପାଟଣା,(ପି.ଏନ): କଳାହାଣ୍ଡି ଜିଲ୍ଲା କଳମପୁର ଥାନା ଅନ୍ତର୍ଗତ ବାଣ୍ଡିଗାଁ ଗ୍ରାମପଞ୍ଚାୟତ ଆମଜୋର ଗାଁରେ ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି। ଦଶମ ଶ୍ରେଣୀ ପଢୁଥିବା ଜନୈକ ନାବାଳକ ଙ୍କ ମୃତ ଦେହ ଗୋଟିଏ ଗଛରେ ଝୁଲନ୍ତା ଅବସ୍ଥାରେ ଠାବ ହୋଇଛି। ସୂଚ଼ନା ଅନୁଯାୟୀ ଗାଁ ର ଅର୍ଜୁନ ରାଉତ ଙ୍କ ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ପୁଅ ପଦ୍ମଲୋଚ଼ନ ରାଉତ(୧୬) ବୁଧବାର ଅପରାହ୍ନରୁ ଅପରାହ୍ନ ନିଖୋଜ ଥିଲେ। ପରିବାରଲୋକେ ବହୁତ ଖୋଜା ଖୋଜି କରି ପାଇ ନଥିଲେ। ଏ ସମ୍ପର୍କରେ ଗୁରୁବାର ଅର୍ଜୁନ ତାଙ୍କ ପୁଅ ନିଖୋଜ ଥିବା ନେଇ କଳମପୁର ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। କିନ୍ତୁ ଅପରାହ୍ନ ୩ ଟା ସମୟରେ ଆମଯୋର ଡ଼ଙ୍ଗରିଗୁଡ଼ା ବୁଢ଼ାରଜା ଜଙ୍ଗଲର ଏକ ଗଛରେ ମୃତ ଦେହ ଝୁଲୁଥିବା ନେଇ ଜଣାପଡିଥିଲା। ଖବର ପାଇ ଘର ଲୋକେ ମୃତ ଦେହ ପାଖରେ ପହଂଚ଼ି ଚ଼ିହ୍ନଟ କରିଥିଲେ। କଳମପୁର ଥାନା ଅଧିକାରୀ ପୁଲିସ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପପରିବାର ଲୋକେ ହତ୍ୟା କରାଯାଇଥିବା ଅଭିଯୋଗ କରିବାରୁ ଆସନ୍ତା କାଲି ସାଇଫିଣ୍ଟିକ ଟିମ ଆସିବା ପରେ ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ନୀଳାମ୍ବର ଯାନୀ ସୂଚ଼ନା ଦେଇଛନ୍ତି। ଘଟଣା ସ୍ଥଳରେ ପୁଲିସ ଏବଂ ସମ୍ପର୍କୀୟ ମାନେ ଜଗି ରହିଛନ୍ତି। ଏହା ଆତ୍ମହତ୍ୟା ନା ସୁପରିକଳ୍ପିତ ହତ୍ୟାତାହା ସ୍ପଷ୍ଟ ହୋଇନାହିଁ।

# ଲୋକସଭାର ପୂର୍ବତନ ବାଚ଼ସ୍ପତି ରବି ରାୟଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଭୁବନେଶ୍ୱର ,(ପି.ଏନ): ବିଶିଷ୍ଟ ସମାଜବାଦୀ ନେତା ତଥା ଲୋକସଭାର ପୂର୍ବତନ ବାଚ଼ସ୍ପତି ରବି ରାୟଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡ଼ ?ମୀରେ ଆୟୋଜିତ ହୋଇଯାଇଛି। ଲୋହିଆ ଏକାଡ଼ ?ମୀ ଦ୍ୱାରା ଆୟୋଜିତ ଶ୍ରାଦ୍ଧ ସଭାରେ ପ୍ରଫେସର ବିରେନ୍ଦ୍ର ନାୟକ ମୁଖ୍ୟ ଆଲୋଚ଼କ ଭାବେ ଯୋଗ ଦେଇଥିଲେ। ସମଦୃଷ୍ଟି ସମ୍ପାଦକ ସୁଧିର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଆଲୋଚ଼ନାର ବିଷୟ ଥିଲା 'ଭାରତରେ ସମାଜବାଦର ଭବିଷ୍ୟତ'। ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା ଉପସ୍ଥିତ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ସଂଯୋଜକ ଶ୍ରୀ ସୁଧିର ପଟ୍ଟନାୟକ ପ୍ରଖର ସମାଜବାଦୀ ଚ଼ିନ୍ତକ ରବି ରାୟଙ୍କ ବିଷୟରେ ସମ୍ୟକ ସୂଚ଼ନା ଦେବା ସହ ସମାଜବାଦ ବିଷୟକ ଆଲୋଚ଼ନା ଯେଉଁ ସମୟରେ କରାଯାଉଛି ସେହି ସମୟର ରାଜନୈତିକ ଓ ସାମାଜିକ ପରିସ୍ଥିତି ଉପରେ ସମ୍ୟକ ସୂଚ଼ନା ପ୍ରଦାନ କରିଥିଲେ।

ପ୍ରଫେସର ବିରେନ୍ଦ୍ର ନାୟକ ଭାରତରେ ସମାଜବାଦର ଇତିହାସ ଆଲୋଚ଼ନା କରିବା ବେଳେ ସେ ସମୟରେ ଘଟିଥିବା ଘଟଣାମାନଙ୍କ ପ୍ରଭାବୀ ଦିଗଗୁଡିକୁ ସୂକ୍ଷ୍ମତାର ସହ ବାଖ୍ୟା କରିଥିଲେ। ମହାତ୍ମା ଗାନ୍ଧୀଙ୍କ ସମାଜବାଦ ପ୍ରତି ଦୃଷ୍ଟିକୋଣ ଉପରେ ଆଲୋଚ଼ନା କରି ନିଜର ଆଲୋଚ଼ନାରେ ନେହେରୁଙ୍କ ବିଚ଼ାର, ଲୋହିଆଙ୍କ ବିଚ଼ାର ଆଲୋଚ଼ନା ସହ ଭାରତରେ ପରିବର୍ତ୍ତିତ ରାଜନୀତିରେ ସମାଜବାଦର ରୂପ ଓ ସମ୍ବିଧାନରେ ତାହାର ପ୍ରତିଫଳନ ଉପରେ ସୂଚ଼ନା ପ୍ରଦାନ କରିଥିଲେ। ସ୍ୱାଧୀନତା ପରବର୍ତ୍ତୀ ଭାରତର ଶାସନ ବ୍ୟବସ୍ଥା ଠାରୁ ଆରମ୍ଭ କରି ଆଜିର ଶାସନ କଳ ମଧ୍ୟ ଜାତି, ଧର୍ମ ଆଧାରରେ ଭାରତର ସମ୍ବିଧାନର ଆତ୍ମା ସମାଜବାଦକୁ କବର ଦେବାରେ ଲାଗିଛନ୍ତି। ତେଣୁ ସମାଜବାଦ ବିନା ଭାରତର ରାଜନୈତିକ, ସାମାଜିକ ତଥା ଅର୍ଥନୈତିକ ଭବିଷ୍ୟତ ଅନ୍ଧାର ଆଡ଼କୁ ଚ଼ାଲିଯିବ। ସମାଜବାଦ ଉପରେ ପ୍ରଫେସର ନାୟକଙ୍କ ଆଲୋଚ଼ନା ବେଶ ଚ଼ିନ୍ତା ଉଦ୍ଦିପକ ଥିଲା। ପ୍ରଫେସର ନାୟକଙ୍କ ବକ୍ତବ୍ୟ ପରେ ପ୍ରଫେସର ନୀଳମଣି ସାହୁ, ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟନାୟକ, ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡା, ରବି ବେହେରା, ଏନ. ନାରାୟଣ ରେଡ୍ଡୀ, ଡ଼. ସୁମିତ୍ରା ପଟେଲ, ବିଘ୍ନେସ୍ୱର ସାହୁ, ସ୍ୱୟଂପ୍ରଭା ପାଢ଼ୀ, ଗୋ ?ରାଙ୍ଗ ମହାପାତ୍ର, ବିପିନ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭାରେ ବହୁ ସାମାଜିକ କର୍ମୀ, ଲୋହିଆବାଦୀ, ରାଜନୈତିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଲୋହିଆ ଏକଡେମୀର ସମ୍ପାଦକ ଦେବପ୍ରସାଦ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ସ୍ୱର୍ଗତଃ ରବି ରାୟଙ୍କ ଫଟୋଚ଼ିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ନୋଏଡ଼ା ଜଗନ୍ନାଥ ମନ୍ଦିରର ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ

ନୋଏଡ଼ା/ ନୂଆଦିଲ୍ଲୀ ତା ୦୩.୦୨.୨୫ ରିଖ: ନୋଏଡ଼ାସ୍ଥିତ ଜଗନ୍ନାଥ ମନ୍ଦିରଠାରେ ପାଞ୍ଚଦିନିଆ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତ ଜାନୁୟାରୀ ୨୯ ତାରିଖଠାରୁ ଆରମ୍ଭ ହୋଇ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଚ଼ାଲିଥିବା ଏହି ଭବ୍ୟ ଉତ୍ସବ ଉପଲକ୍ଷେ ୧୨୧ ନମ୍ବର ସେକ୍ଟରସ୍ଥିତ ନବ ନିର୍ମିତ ଜଗନ୍ନାଥ ମନ୍ଦିରଟିକୁ ଖୁବ ସରସ ଓ ସୁନ୍ଦର ଭାବରେ ରଙ୍ଗବେରଙ୍ଗର ଫୁଲ, କପଡ଼ା ଏବଂ ଆଲୋକମାଳା ସହିତ ସଜା ଯାଇଥିବା ଦେଖାଯାଇଥିଲା। ପ୍ରାଣ ପ୍ରତିଷ୍ଠା ପାର୍ବଣକୁ କେନ୍ଦ୍ର କରି ଏଠାରେ ପାଞ୍ଚଦିନ ଯାକ ସଙ୍ଗଠକ, ଶ୍ରଦ୍ଧାଳୁ ଏବଂ ଦର୍ଶକମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉତ୍ସାହ, ଅସୀମ ଉତ୍କଣ୍ଠା ଏବଂ ଅଦମ୍ୟ ଉଦ୍ଦୀପନା ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଇଥିଲା। ଲକ୍ଷାଧିକ ଭକ୍ତଙ୍କର ସମାଗମରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଠାକୁର ଶ୍ରୀସୁଦର୍ଶନଙ୍କର ବିଗ୍ରହମାନଙ୍କରେ ପ୍ରାଣ ସଂସ୍ଥାପନା କରାଯାଇଥିଲା। ମନ୍ଦିର ପରିଚ଼ାଳନା କମିଟି ଶ୍ରୀଜଗନ୍ନାଥ ସମିତିର ସଭପତି ବିଶ୍ୱନାଥ ତ୍ରିପାଠୀ, ସାଧାରଣ ସମ୍ପାଦକ ଡଃ ମନୋରଞ୍ଜନ ମହାନ୍ତି, ଉପ-ସଭାପତି ପ୍ରମୋଦ ଭଲ ଏବଂ ଯୁଗ୍ମ ସମ୍ପାଦକ ଧନେଶ୍ୱର ନାୟକ ପ୍ରମୁଖଙ୍କର ନେତୃତ୍ୱରେ କମିଟିର କର୍ମକର୍ତ୍ତା, ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ସମଗ୍ର ମହୋତ୍ସବକୁ ଅଭୁତପୂର୍ବ ଭାବେ ସଫଳ କରାଇବାରେ ସକ୍ଷମ ହୋଇଥିଲେ।

ବସନ୍ତ ପଞ୍ଚମୀର ଶୁଭ ତିଥିରେ ଫେବୃୟାରୀ ୨ ତାରିଖ ଦିନ ବହୁ ଆକାଂକ୍ଷିତ ପ୍ରାଣ ପ୍ରତିଷ୍ଠା ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁରୀର ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ କର୍ତ୍ତାର ଦାୟିତ୍ୱ ନିର୍ବାହ କରି ପ୍ରାଣ ପ୍ରତିଷ୍ଠା ବିଧି ସମ୍ପନ୍ନ କରିଥିଲେ। ଆଦ୍ୟ ସେବକ ଭାବରେ ଗଜପତି ବିଗ୍ରହମାନଙ୍କର ପ୍ରାଣ ପ୍ରତିଷ୍ଠା ହେବା ପରେ ସର୍ବପ୍ରଥମେ ପୂଜା ଅର୍ଘ୍ୟ ପ୍ରଦାନ କରିଥିଲେ। ଏହି ସମାରୋହରେ ଯୋଗ ଦେଇଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ସାଂସଦ ଡଃ ମହେଶ ଶର୍ମା, ଡଃ ରବୀନ୍ଦ୍ର ନାରାୟଣ ବେହେରା, ସୁରେନ୍ଦ୍ର ନାଗର, ବିଧାୟକ ପଙ୍କଜ ସିଂହ, ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ବରିଷ୍ଠ ବିଜେପି ନେତା ଶ୍ୟାମ ଯାଜୁ, ଉପେନ୍ଦ୍ର ସିଂହ, ରବି ରୋଷନ, ଦିନେଶ ଖାଡ଼ ?, ବିଶିଷ୍ଟ ଉଦ୍ୟୋଗପତି ରାଜେଶ ସହାୟ, ବ୍ରହ୍ମା ମିଶ୍ର, ନାରୀ ନେତ୍ରୀ ଡଃ ଚ଼ିଦାତ୍ମିକା ଖଟୁଆ, ଧର୍ମଗୁରୁ ଆଚ଼ାର୍ଯ୍ୟ ଶୈଳେଶ ତିୱାରୀ, ସନ୍ଥ ଗୌତମ ଋଷି ଏବଂ ଦିଲ୍ଲୀ ସରକାରର ମନ୍ତ୍ରୀ ସଞ୍ଜୟ ଗେହେଲଟ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

ଶ୍ରୀଜୀଉମାନଙ୍କୁ ଜୀବନ୍ତ ସ୍ୱରୂପ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ପ୍ରାଣ ପ୍ରତିଷ୍ଠା ବିଧିକୁ ହିନ୍ଦୁ ଧର୍ମରେ ଏକ ସ୍ୱତନ୍ତ୍ର ମହତ୍ୱ ପ୍ରଦାନ କରାଯାଇଥାଏ। ଏହି ପବିତ୍ର ପର୍ବ ଉପଲକ୍ଷେ ମନ୍ଦିରରେ ସ୍ୱତନ୍ତ୍ର ପୂଜା, ରୀତିନୀତି, ଉପଚ଼ାର, ଆଧ୍ୟାତ୍ମିକ ପ୍ରବଚ଼ନ, ବୈଦିକ ସେବା, ଭଜନ କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଗୋଷ୍ଠୀଗତ ବନ୍ଧୁ ମିଳନ ଆଦିର ଭବ୍ୟ ଆୟୋଜନ କରାଯାଇଥିଲା। ବିଭିନ୍ନ ପ୍ରକାରର ନୀତିକାନ୍ତି ସମ୍ପନ୍ନ ହେବା ପରେ ପୁରୀର ମୁକ୍ତି ମଣ୍ଡପ ତରଫରୁ ପ୍ରେରିତ ସେବାୟତମାନଙ୍କ ଦ୍ୱାରା ବହୁ ପ୍ରତିକ୍ଷୀତ ପ୍ରାଣ ପ୍ରତିଷ୍ଠା ପ୍ରକ୍ରିୟା ଚୂଡାନ୍ତ କରାଯାଇଥିଲା। ଏହି ମହାନ ଧାର୍ମିକ ମହୋତ୍ସବରେ ଭାରତବର୍ଷର ବିଭିନ୍ନ ଦେବସ୍ଥାନ ଯଥା:- ଅଯୋଧ୍ୟା, ହରିଦ୍ୱାର, ଋଷିକେଶ, ପୁରୀ ଓ ବାରାଣାସୀ ଆଦି କ୍ଷେତ୍ରରୁ ସାଧୁ, ସନ୍ଥ, ମହାତ୍ମାଙ୍କ ଭଳି ହିନ୍ଦୁ ଧର୍ମର ତୁଙ୍ଗ ନେତୃବୃନ୍ଦ ଆସି ଯୋଗ ଦେଇଥିବା ମନ୍ଦିର ସୂତ୍ରରୁ ପ୍ରକାଶ।

ପ୍ରାଣ ପ୍ରତିଷ୍ଠା ପରେ ମନ୍ଦିରର ଗର୍ଭଗୃହରେ ଶୋଭା ପାଉଥିବା ସୁସଜ୍ଜିତ ରତ୍ନ ସିଂହାସନ ଉପରେ ଦିଅଁମାନଙ୍କର ବିରାଜମାନର ଦୃଶ୍ୟ ବେଶ ମର୍ମସ୍ପର୍ଶୀ ଓ ଅବିସ୍ମରଣୀୟ ଥିଲା। ଏହି ମହୋତ୍ସବ ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁ ସୁନାମଧନ୍ୟ କଳାକାର ସେମାନଙ୍କର ସୃଜନଶୀଳ ପ୍ରତିଭା ଓ ପାରଦର୍ଶିତା ପ୍ରଦର୍ଶନ କରି ଦେଖଣାହାରୀମାନଙ୍କୁ ଅଭିଭୂତ କରି ଦେଇଥିବା ଦେଖାଯାଇଥିଲା। ସେମାନଙ୍କ ମଧ୍ୟରେ ସନ୍ତୋଷ ରାଉତଙ୍କର ତତ୍ତ୍ୱାବଧାନରେ ସୁରମହ୍ଲାର ଗ୍ରୁପ, ଚ଼ାର୍ଟାର୍ଡ ଆକାଉଣ୍ଟାଣ୍ଟ ସୁଧୀର ଦାଶ ଏବଂ ସାଥି , ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଦିଲ୍ଲୀପ ଚୋପ୍ରା, ଅନୀଲ ଚ଼ଞ୍ଚଲ , ବିଖ୍ୟାତ ଭଜନ ଗାୟକ ବିଜୟ ବର୍ମା, ଅମ୍ରିତା ଚ଼ତୁର୍ବ ?ଦି, ବିଜୟ ଶର୍ମା, ମୋମାର ବିଶୁ ଓ ରୋହିତ କୁମାର ବବି ଏବଂ ଓଡ଼ିଶାରୁ ଆସିଥିବା ଦାଶ ନୃତ୍ୟଶାଳାର କଳାକାରବୃନ୍ଦ ଅନ୍ୟତମ ଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ପ୍ରଖ୍ୟାତ ଆଧ୍ୟାତ୍ମିକ ପ୍ରବଚ଼କ ସ୍ୱାମୀ ମାଧବାନନ୍ଦ ମହାରାଜ ଶ୍ରୀଜଗନ୍ନାଥ ଅମୃତ କଥା ଉପସ୍ଥାପନ କରିଥିଲେ। ସମଗ୍ର ପାଞ୍ଚଦିନ ଧରି ମା ଖରାଖାଇ କୀର୍ତ୍ତନ ମଣ୍ଡଳୀ ସେମାନଙ୍କର ସୁଲଳିତ ବାଜଣା ଓ ସୁମଧୁର ଭକ୍ତି ସଙ୍ଗୀତରେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ।

ପ୍ରାଣ ପ୍ରତିଷ୍ଠା ମହୋତ୍ସବକୁ ସୂଚ଼ାରୁ ରୂପେ ଆୟୋଜନ ଓ ସୁରୁଖୁରରେ ସମାପନ କରିବାରେ ପରିଚ଼ାଳନାରେ କମିଟିର ସୁଦକ୍ଷ ସଦସ୍ୟ ବୃନ୍ଦ ଯଥା:- ନିଗମ ମହାନ୍ତି, ପ୍ରଶାନ୍ତ ଖିଲାର, ଅଭିମନ୍ୟୁ ପରିଡ଼ା, କିଶୋର ପରିଡ଼ା, ଦିଲ୍ଲୀପ ସ୍ୱାଇଁ, ରମେଶ ନାୟକ, ଅକ୍ଷୟ ସ୍ୱାଇଁ, ପ୍ରକାଶ ରାୟ, ଆଦିତ୍ୟ ସ୍ୱାଇଁ, ଦେବବ୍ରତ ମିଶ୍ର, ସୁବ୍ରତ ଜେନା, ସୁବଳ ବେହେରା ରବୀନ୍ଦ୍ର ନାୟକ, ପ୍ରସାଦ ପରିଡ଼ା, ପ୍ରଭାତ ଜେନା, ଅରୁଣ ସ୍ୱାଇଁ, ଶିବରାମ ପାଣିଗ୍ରାହୀ, ଭରତ ପ୍ରଧାନ, ଏ.ଆର୍. ପରିଜା, ଯୁଧିଷ୍ଠିର ନାୟକ, ସୁଶାନ୍ତ ସୂତାର, ଅଜୟ କୁଅଁର, ହଳଧର ପାତ୍ର, ରବି ରାଉତ, ବିଶ୍ୱ ରଞ୍ଜନ ସ୍ୱାଇଁ, ଦେବବ୍ରତ ନାୟକ, ଅନୁପ ପରିଡ଼ା, ସନି ପରିଡ଼ା, ମହେଶ ପରିଡ଼ା ଓ ବିକ୍ରମ ପରିଡ଼ାଙ୍କର ଭୂମିକା ଖୁବ ଉଲ୍ଲେଖନୀୟ ଥିଲା।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା କ୍ଷେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଘଂନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# ବାଂଶପାଣି ରେଳସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗସ୍ତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଗାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାପ୍ତ ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ ଯୋଡା ଥାନା ପୋଲିସ ଏଜାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି ।

## Notice

By virtue of an affidavit sworn before the Executive Magistrate, Jagatsinghpur dated 16.4.2025. I, Jayanta Kumar Sahoo, S/o. Duryodhan Sahoo, resident of Village-Gamhapur, P.O.Redhua, P.S.-Raghunathpur, Dist-Jagatsinghpur declare that I have changed my son's name from Rituraj Sahoo (Old name) to Rututaj Sahoo (New name) Henceforth he shall be know as Ruturaj Sahoo (New name ) for allpurposes.

Jayanta Kumar Sahoo


MAHARISHI PUBLIC SCHOOL

2025-2026



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Friday April 18 ଭୁବନେଶ୍ୱର ଶୁକ୍ରବାର, ୧୮, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ

କେନ୍ଦ୍ରାପଡ଼ା,(ପି.ଏନ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧୋତ୍ସବ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ପକ୍ଷରୁ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ସ୍ଥାନୀୟ ଗୋବରୀନଦୀ ଘାଟରେ ତିଳତର୍ପଣ କରାଯାଇ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ବିଜୁ ବାବୁଙ୍କ ପ୍ରତିମୂ ର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା । ପରେ ମେଡିକାଲ ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂ ର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସେଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ବିଜେଡି ସଭାପତି ଧିରେନ୍ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଧୁନିକ ଓଡିଶା ନିର୍ମାଣରେ ବିଜୁବାବୁଙ୍କ ଅବଦାନ ଓ ତାଙ୍କ ଆର୍ଦର୍ଶରେ ଓଡିଶାର ସମୃଦ୍ଧି ଏବଂ ଆଗାମୀ ଦିନର ଆହ୍ୱାନ ବିଷୟରେ ଆଲୋଚନା କରାଯାଇଥିଲା । ଏଥିରେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ପୌରାଧକ୍ଷା ସରିତା ସାହୁ, ଜିଲ୍ଲା



ଯୁବ ସଭାପତି ରାଜେଶ ଦାସ, ସାହିତ୍ୟିକ ବାସୁଦେବ ଦାସ, ପ ାୟତ ସମିତି ଅଧକ୍ଷା ରଶ୍ମିତା ସେଠୀ, ମହିଳା ସଭାନେତ୍ରୀ ରୋସ୍‌ନା ସାହୁ, ସୁମିତ୍ରା ପାଢୀ, ସ୍ୱୟଂପ୍ରଭା କର, ପ୍ରଦୀପ୍ତ ମହାନ୍ତି, ଆଲୋକ ସାହୁ, ଗୋପିନାଥ ବାରିକ, ଶିବ ପ୍ରସାଦ ଭଳ, ରାଜଲକ୍ଷ୍ମୀ ରାଉତରାୟ, ମୁକ୍ତାର ଖାଁ, ହିରଣ୍ୟ ପଣ୍ଡା, କାଳୀ ପ୍ରସାଦ ମିଶ୍ର, ଉମେଶ ନାୟକ, ସେକ୍ ଚନ୍ଦନ, ରଶ୍ମୀରଞ୍ଜନ ରାଉତ, ତ୍ରିଲୋଚନ ପାତ୍ର, ଲୋହିତ ମହାନ୍ତି, ଶରତ ବେହୁରା, ମହେନ୍ଦ୍ର ମିଶ୍ର, ସମ୍ବିତ୍ ଶ୍ରୀଚନ୍ଦନ, ଲକ୍ଷ୍ମୀଧର ପଳେଇ, ସୌମେନ୍ଦ୍ର ପୃଷ୍ଟି, ହିବଜୁର ରହେମାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ନଗର ସଭାପତି ଯଯାତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ମହାବୀର ପୂଜା ଉତ୍ସବ ଓ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ

ମାହାଙ୍ଗା ,(ପି.ଏନ): ମାହାଙ୍ଗା ବ୍ଲକ ଗୋତରା ପଂଚାୟତ ସ୍ଥିତ କାହ୍ନପୁର ଠାରେ ବିଶିଷ୍ଟ ରାମକଥା ପ୍ରବାଚକ କବି କୁଳମଣି ସାହୁଙ୍କ ସଂଯୋଜନା କ୍ରମେ ମହାବୀର ପୂଜା ଉତ୍ସବ ଓ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ଶାନ୍ତନୁ କୁମାର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ମହାବୀରଙ୍କ ଯଥାରୀତି ଅନୁଯାୟୀ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । କ ର୍ତ୍ତା ପ୍ରତାପ ଚନ୍ଦ୍ର ବେହେରା ଓ ମୁଖ୍ୟ କ ର୍ତ୍ତା ଶରତ ଚନ୍ଦ୍ର ବେହେରା ପୂଜା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ଉତ୍ସବରେ ପରିବେଶବିତ୍ ପ୍ରମୋଦ କୁମାର ଦାଶ,



ଗାୟକ ରାମଚନ୍ଦ୍ର ସାହୁ, ହାର୍‌ମୋନିୟମ୍ ନାରାୟଣ ବେହେରା, ଢ଼ୋଲକିବାଦକ ନରେନ୍ଦ୍ର ପ୍ରଧାନ ତଥା ଅନ୍ୟତମ ଗାୟକ ପତିତପାବନ ନାୟକ ପ୍ରମୁଖ ଯୋଗଦେଇ ସୁନ୍ଦରାକାଣ୍ଡ ପଠନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସଂଯୁକ୍ତ ସାହୁ, ଗୀତାରାଣୀ ବେହେରା, ସୁଭଦ୍ରା ବେହେରା, ଦିପ୍ତୀମୟୀ ବେହେରା, ଭାସ୍କର ସାହୁ, କୈଳାସ ଚନ୍ଦ୍ର ନାୟକ, ବିଷ୍ଣୁଚରଣ ବେହେରା, ଶୁସାନ୍ତ କୁମାର ସାହୁ , ପ୍ରହଲ୍ଲାଦ ପ୍ରଧାନ, ବିକାଶ ଚନ୍ଦ୍ର ସାମଲ, ବିଚିତ୍ରାନନ୍ଦ ସାମଲ ସହଯୋଗ କରିଥିଲା ବେଳେ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ହନୁମାନ ପ୍ରେମୀ ଭକ୍ତ ଓ ଜନସାଧାରଣ ଯୋଗଦେଇଥିଲେ ।

# ଗୋଖାମତ୍ସ୍ୟଜୀବି ସଂଘର ବାର୍ଷିକ ଉତ୍ସବ

ମାହାଙ୍ଗା,(ପି.ଏନ): ଶ୍ରୀ ଶ୍ରୀ ସିଦ୍ଧବକଳଦେବଜୀୟୁ ପୀଠରେ ଗୋଖା ମତ୍ସ୍ୟଜୀବି ମହାସଂଘ ପକ୍ଷରୁ ମହାସଂଘର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ କଟକ କେନ୍ଦ୍ରାପଡା, ଯାଜପୁର ଓ ଜଗତସିଂହପୁର ଜିଲ୍ଲାର ରାଜସ୍ୱ ଗ୍ରାମର ସମସ୍ତ ମହନ୍ତ, ପୁରୋହିତ, ମୁରବୀ, ବେହେରା, ଓ ସଭ୍ୟମାନଙ୍କୁ ନେଇ ଆଲୋଚନା କରାଯାଇଥିଲା । ଏଥିରେ ମୁଖ୍ୟ ଉପଦେଷ୍ଟା ଭାବେ ମହନ୍ତ ତୀର୍ଥାନନ୍ଦ ଦାସ, ହଳଧର ସେଠୀ, ପରମାନନ୍ଦ ସେଠୀ ଉପସ୍ଥିତ ଥିବା ବେଳେ ବିଭିନ୍ନ ଅଂଚଳରୁ ଆସିଥିବା ମତ୍ସ୍ୟଜୀବି ସଂଘର ସଭାପତି ଅମୀୟ ସେଠୀ, ଉପସଭାପତି ରତ୍ନାକର ସେଠୀ, ସଂପାଦକ ସଦାନନ୍ଦ ସେଠୀ, ସହ ସଂପାଦକ ରାଜକିଶୋର ସେଠୀ, କୋଷାଧ୍ୟକ୍ଷ ବୈକୁଣ୍ଠ ସେଠୀ,ଭଲଭାଇ ମଥୁରୀ ସେଠୀ, ପରିଚାଳକ ଜ୍ୟୋତିପ୍ରକାଶ ସେଠୀ ଏବଂ ନବଘନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

ପୂର୍ବ ତଟ ରେଳପଥ

'ଇ' କ୍ରୟ ପ୍ରଣାଳୀ

www.ireps.gov.in

01. ... 25 KW, 110/130V DC ... 54 ...

02. ... 1365 ...

03. ... 20725 ...

04. ... 5615 ...

05. ... 107 Sq.mm. ... T.S. ...

06. ... T.S. ...

07. ... T.S. ...

08. ... 3871 ...

... 25.04.2025 ... 28.04.2025 ... 05.05.2025 ...

www.ireps.gov.in ... www.eastcoastrail.indianrailways.gov.in

PR-480/25-26

# ବାବା ସାହେବ ଡଃ ବି.ଆର୍ ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ପାଳିତ

ମାହାଙ୍ଗା,(ପି.ଏନ): ମାହାଙ୍ଗା ବ୍ଲକ ପୋଡାମରାଇ ପଂଚାୟତର ଆମ୍ବେଦକର କ୍ଲବ ପରିସରରେ ବାବାସାହେବ ବି.ଆର୍ ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଆମ୍ବେଦକର କ୍ଲବର ସଭାପତି ରତ୍ନାକର ସେଠୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଅତିଥିମାନେ ବି.ଆରଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଉତ୍ସବରେ ବି.ଆର୍ ଆମ୍ବେଦକରଙ୍କ ପ୍ରତୀମୂ ର୍ତ୍ତି କ୍ଲବ ପ୍ରାଙ୍ଗଣରେ ନଚେତ୍ ପଂଚାୟତ କାର୍ଯ୍ୟାଳୟରେ ବସାଇବା ପାଇଁ ବ ର୍ତ୍ତମାନର ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଭେଟିବା ପାଇଁ ଆଲୋଚନା କରାଯାଇଥିଲା । ଦଳିତ ସଂପ୍ରଦାୟ



ଲୋକମାନେ ସରକାରଙ୍କ ସମସ୍ତ ସୁବିଧା ପାଇବା ଓ ଆମ୍ବେଦକରଙ୍କ ଆର୍ଦଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସେବାସମବାୟ ସମିତିର ସଂପାଦକ କୃପାସିନ୍ଧୁ ସେଠୀ, ଫକୀର ସେଠୀ, ଡମ୍ବରୁଧର ସେଠୀ, ଅଜିତ୍ ଦାସ, ଖଗେଶ୍ୱର ଦାସ, ଅଧ୍ୟାପକ ବସନ୍ତ ସେଠୀ, ଅଧ୍ୟାପକ ବିଶ୍ୱନାଥ ସେଠୀ, ରଂଜନ ସେଠୀଙ୍କ ସମେତ କ୍ଲବର ବହୁ ସଦସ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ତରୁଣକାନ୍ତି ମିଶ୍ର ପାଇବେ 'ସତ୍ୟବାଦୀ ସାରସ୍ୱତ ସମ୍ମାନ'

ଭୁବନେଶ୍ୱର,(ପି.ଏନ): ବହୁଳ ପ୍ରସାରିତ ଉଚ୍ଚାଙ୍ଗ ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଉଥିବା 'ସତ୍ୟବାଦୀ ସାରସ୍ୱତ ସମ୍ମାନ ୨୦୨୪' ଲବ୍ଧପ୍ରତିଷ୍ଠ କଥାଶିଳ୍ପୀ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ରଙ୍କୁ ପ୍ରଦାନ କରାଯିବ । ଏହାବ୍ୟତୀତ ପ୍ରବନ୍ଧ ବିଭାଗରେ ଡ. ବାବାଜୀ ଚରଣ ପଟ୍ଟନାୟକ, କବିତା ପାଇଁ ମମତା ଦାଶ, ଗଳ୍ପ ପାଇଁ ପ୍ରଫେସର ଶରତ ଚନ୍ଦ୍ର ଶତପଥୀ, ଶିଶୁ ଗଳ୍ପରେ ଡ. ରମେଶ ପତ୍ରୀ, ଶିଶୁ କବିତାରେ ହରିହର ଶୁକ୍ଳ ଓ ରମ୍ୟ



ରଚନା ପାଇଁ ନାରାୟଣ ଶତପଥୀଙ୍କୁ 'ସତ୍ୟବାଦୀ ସାହିତ୍ୟ ସମ୍ମାନ ୨୦୨୪' ପ୍ରଦାନ କରାଯିବ । 'ସତ୍ୟବାଦୀ ସାରସ୍ୱତ ସମ୍ମାନ'ରେ ଏକ ଲକ୍ଷ ଟଙ୍କାର ପୁରସ୍କାର ସହ ଉପାୟନ ଏବଂ 'ସତ୍ୟବାଦୀ ସାହିତ୍ୟ ସମ୍ମାନ'ରେ ସମ୍ମାନିତ ପ୍ରତିଭାଙ୍କୁ ଦଶ ହଜାର ଅର୍ଥରାଶି ସହିତ ଉପାୟନ ପ୍ରଦାନ କରାଯିବ । ଏଥିପାଇଁ ଲୋକସେବକ ମଣ୍ଡଳ ପକ୍ଷରୁ ଗଠିତ ସାତଜଣିଆ ମନୋନୟନ କମିଟି ବୈଠକ ସୋମବାର 'ସମାଜ' କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି । ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରାଜ୍ୟର ଜଣେ ଲବ୍ଧପ୍ରତିଷ୍ଠ ସାରସ୍ୱତ ସାଧକଙ୍କୁ ସତ୍ୟବାଦୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥାଏ । ଏତଦ୍ ?ବ୍ୟତୀତ 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପତ୍ରିକାରେ ପ୍ରକାଶିତ ଲେଖକଙ୍କ ଲେଖାକୁ ଭିତ୍ତି କରି 'ସତ୍ୟବାଦୀ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥାଏ । ଚଳିତ ଏପ୍ରିଲ ୨୭ ତାରିଖ(ରବିବାର) ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ଏମ୍ ?କେସିଜି ପ୍ରେକ୍ଷାଳୟରେ ଅପରାହ୍ଣ ୪ଟାରେ ଅନୁଷ୍ଠିତ ହେବାକୁ ଥିବା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ନବମ ବାର୍ଷିକ ସମାରୋହରେ ଏହି କୃତବିଦ୍ୟ ସାରସ୍ୱତ ସାଧକଙ୍କୁ ସମ୍ମାନିତ କରାଯିବ ବୋଲି 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଜଣାଇଛନ୍ତି ।

# ବିବାହିତ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର, ହତ୍ୟା ନା ଆତ୍ମହତ୍ୟା

ଖୋର୍ଦ୍ଧା(ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟବନ୍ଧ ଗ୍ରାମର ଏକ ବିଲରେ ଥିବା ମଈ ଗଛରେ ବିବାହିତ ପ୍ରେମୀ ଯୁଗଳ ବେକରେ ଓଢଣୀ ବାନ୍ଧି ଆତ୍ମହତ୍ୟା କରିଥିବାର ଗୁରୁବାର ଦିନ ପୂର୍ବାହ୍ନରେ ଦେଖିବାକୁ ମିଳିଛି । ଏହା ପ୍ରକୃତରେ ଆତ୍ମହତ୍ୟା କରିଛନ୍ତି ନାଁ କେହି ତାଙ୍କୁ ହତ୍ୟା କରି ସେଠାରେ ଆଣି ଲଟକାଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଛି ତାହା ସାଧାରଣରେ ଆଲୋଚ଼ନାର ବିଷୟ ପାଲଟିଛି । ଜଙ୍କିଆ ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରାଙ୍କ ସୂଚ଼ନା ଅନୁଯାୟୀ ନୟାଗଡ଼ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ରାଜସୁନାଖଳା ଗ୍ରାମର ନାରାୟଣ ବେହେରାଙ୍କ ପୁଅ ଅଜୟ କୁମାର ପ୍ରଧାନ(୪୫) ଓ ଗୋପୀନାଥପୁର ସାହିର ଶାନ୍ତିଲତା ମହାପାତ୍ର(୪୨) ଦୀର୍ଘ ୧୫ ବର୍ଷ ତଳେ ଭଲ ପାଇ ବିବାହ କରିଥିବା ବେଳେ କୌଣସି କାରଣ ଯୋଗୁଁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା । ପରେ ପୁଣି ଦୁଇ ଜଣଯାକ ଅନ୍ୟତ୍ର ବିବାହ କରି ଅଜୟ ସୁନାଖଳା ପେଟ୍ରୋଲ ଟାଙ୍କି



ନିକଟରେ ଏକ ଗ୍ୟାରେଜ ଓ ଶାନ୍ତିଲତା କୁମାରୀ ଛକରେ ଏକ ବିୟୁଟି ପାର୍ଲର କରି ନିଜ ଜୀବିକା ନିର୍ବାହ କରୁଥିଲେ । ପୁନଶ୍ଚ ଶାନ୍ତିଲତା ତାଙ୍କର ସ୍ୱାମୀଙ୍କୁ ଛାଡି ବାପ ଘରେ ରହିବା ପରେ ଦୁହିଁଙ୍କ ମଧ୍ୟରେ ମିଳାମିଶା ଆରମ୍ଭ କରିଥିଲେ । ତେବେ ଉଭୟ ପରିବାର ମଧ୍ୟରେ ବିଭିନ୍ନ ସମୟରେ ଗଣ୍ଡଗୋଳ ହେଉଥିବାରୁ ବୁଧବାର ଦିନ ସନ୍ଧ୍ୟାରେ ସମାଧାନ ହେବା ପାଇଁ ସମୟ ଧାର୍ଯ୍ୟ ହୋଇଥିବାରୁ ଦୁଇଜଣ ଯାକ ଏକ ସ୍କୁଟିରେ ଯାଇ ମାନସିକ ଭରସାମ୍ୟ ହରାଇ ଆତ୍ମହତ୍ୟା କରିଥାଇ ପାରନ୍ତି ଅନୁମାନ କରାଯାଉଛି । ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ଯଦି ଉଭୟ ଆତ୍ମହତ୍ୟା କରିଛନ୍ତି ତାହେଲେ ପାଦ ଭୂଇଁ ଉପରେ ରହି ଥିବାରୁ ତାହା ହତ୍ୟା କରି କେହି ଓହଳାଇ ଦେଇ ଥିବାର ସନ୍ଦେହ ପ୍ରକାଶ ପାଇଛି । ଏଥିରେ ଜଙ୍କିଆ ଥାନା ପୁଲିସ ସାଇଣ୍ଟିଫିକ ଦଳ ସହ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଏହି ଉଭୟ ପରିବାରଙ୍କ ଅଭିଯୋଗ ପାଇ ପୁଲିସ ଦୁଇଟି କେସ ରୁଜୁ କରି ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray